


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୮ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 DECEMBER 2023

Vol.No. 34 ■ No. 321■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୦୨୪ ବିଜୟ ପାଇଁ ବିଜେପିକୁ ଗୁରୁମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୦୭/୧୨ : ବିଜେପିର ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ପହଂଚିବା ପରେ ତାଙ୍କୁ ଦଳର ସାଂସଦମାନେ ଅଭିନନ୍ଦନ ଜଣାଇଥିଲେ । ଏହି ସମୟରେ ବୈଠକ ସ୍ଥଳ ମୋଦୀ ଜୀ ସ୍ୱାଗତ ହେିରେ ପ୍ରକମ୍ପିତ ହୋଇଥିଲା । ତେବେ ବେଶ ରୋଚକ ଥିଲା ସେହି ଦୃଶ୍ୟ ଯେଉଁଠି ମୋଦୀ କହିଥିଲେ ଦଳ ପାଇଥିବା ବିଜୟ କୌଣସି ଜଣେ ବ୍ୟକ୍ତି ବିଜୟ ନୁହେଁ । ସଂଗଠନର ବିଜୟ । ତେଣୁ ମୋଦୀ ଜୀ କହି ଜନସାଧାରଣଙ୍କଠୁ ଦୂରେଇ ରହିବା ଉଚିତ ନୁହେଁ । ତେଣୁ କେବଳ ମୋଦୀ ବୋଲି ସମ୍ବୋଧନ କରିବାକୁ କର୍ମକର୍ତାଙ୍କୁ କହିଥିଲେ । ଗୁରୁବାର ବୈଠକରେ ଦଳକୁ ୨୦୨୪ ବିଜୟ ପାଇଁମ ମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ । କେଉଁଭଳି ଶୈଳୀରେ ଦଳ ଲୋକଙ୍କ ପାଖକୁ ଯିବ ଏବଂ ଆଗାମୀ ଦିନରେ ନିର୍ବାଚନ ଲଢିବ ସେଥିପାଇଁ ଗୁରୁମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ୬ଟି ଫର୍ମୁଲା ଉପରେ ଗୁରୁତ୍ୱ ଦିଆଯାଇଛି । ହିନ୍ଦୀ ହାର୍ଟଲ୍ୟାଣ୍ଡର ହାରିବା ପରେ ଗୋଟିଏ ପଟେ କଂଗ୍ରେସ ଏବଂ ଇଣ୍ଡିଆ ମେଂଟ ଭୁଲରୁ ଶିକ୍ଷାଲାଭ କରି ସାଧାରଣ ନିର୍ବାଚନ ଲଢିବାକୁ ରଣନୀତି ପ୍ରସ୍ତୁତ କରୁଛି । ଅନ୍ୟପଟେ ବିଜେପି ଏବେ ତିନି ରାଜ୍ୟରେ ବିଜୟୀ ହୋଇ ଉତ୍ସାହିତ। ତେଣୁ କୌଣସି ଭୁଲ ନକରି କିଭଳି ବିରୋଧୀଙ୍କୁ ଚେକ୍ ଦେଇହେବ ସେଥିପାଇଁ ପ୍ରସ୍ତୁତ ହେଉଛି।

### ୨୦୨୪ ବିଜୟର 'ମୋଦୀ ଫର୍ମୁଲା'

**ଫର୍ମୁଲା-୧**

'ମୋଦୀ ଜୀ' ନକହି
କେବଳ 'ମୋଦୀ' ସମ୍ବୋଧନ କର

**ଫର୍ମୁଲା-୨**

ଡିସେମ୍ବର ୨୨ରୁ ଜାନୁଆରୀ ୨୫
ବିକାଶ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବେ
ସମସ୍ତ ମନ୍ତ୍ରୀ ଓ ସାଂସଦ

**ଫର୍ମୁଲା-୩**

ବିଜେପିର ବିଜୟ ଜଣଙ୍କର ନୁହେଁ
ସମସ୍ତ କର୍ମୀଙ୍କ କଠିନ ପରିଶ୍ରମର ଫଳ

**ଫର୍ମୁଲା-୪**

ରାଜ୍ୟଗଡିକରେ ଲଗାତର ଜିତିବାରେ
କଂଗ୍ରେସ ତୁଳନାରେ ବିଜେପିର ହାର ଅଧିକ

**ଫର୍ମୁଲା-୫**

୨୦୪୭ ସୁଦ୍ଧା
ବିକଶିତ ଭାରତ ଗଠନ ପାଇଁ ପ୍ରସ୍ତୁତି କର

**ଫର୍ମୁଲା-୬**

ନିଜ ନିଜ ନିର୍ବାଚନୀ କ୍ଷେତ୍ରକୁ ଯାଇ
ସରକାରୀ ଯୋଜନାର ହିତାଧିକାରୀଙ୍କ ସହ
ସଂପର୍କ ସ୍ଥାପନ କର

## ଦେଶୀ ମଦଭାଟିରେ ଟଙ୍କା ଦେଖି ଆଇଟି ଜଳକା : ଗଣି ଗଣି ଥକି ପଡ଼ିଲେଣି



ଭୁବନେଶ୍ୱର, ୦୬/୧୨ (ନି.ପ୍ର): ୩୬ ଘଣ୍ଟା ହେଲା ରେଡ୍ କରୁଛି ଆୟକର ବିଭାଗ। ହେଲେ ଆଜି ପର୍ଯ୍ୟନ୍ତ ସରୁନି ରେଡ୍। ଏପରିକି ଜବତ କରିଥିବା ଟଙ୍କାର ଗଣତି ମଧ୍ୟ ସରୁନି। ଆୟକର ଫାଙ୍କି ଅଭିଯୋଗରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଜାରି ରହିଛି ମାରାଥନ ଚଢ଼ଉ। ଆଉ ଏହି ଚଢ଼ଉ ବେଳେ ଆୟକର ଅଧିକାରୀଙ୍କୁ ତାଜୁବ କରିଛି ଦେଶୀ ଭାଟିରୁ ମିଳିଥିବା ବିଡ଼ା ବିଡ଼ା ନୋଟ୍। ଦୁଇ ଦିନର ରେଡ୍ ବେଳେ ୨୦୦ କୋଟିରୁ ଅଧିକ ଟଙ୍କା ଜବତ ହେଲାଣି। ବଲାଙ୍ଗିର ସୁଦପଡା ମଦ ଭାଟିରେ ରେଡ୍ ବେଳେ ଆୟକର ବିଭାଗ ହାତରେ ଲାଗିଛି ଟଙ୍କା ଭର୍ତ୍ତି ସିନ୍ଦୁକ। ଯାହାକୁ ଦେଖି ତାଜୁବ ହୋଇଛି ଆୟକର ଟିମ୍। ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିଲା

▶▶ପୃଷ୍ଠା ୭

## ସରକାରଙ୍କୁ ଘାରିଲା ମାଟ୍ରିକ ଡ୍ରପ୍ ଆଉଟ୍ ଚିନ୍ତା: ମାଗିଲେ ରିପୋର୍ଟ



ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଆଉ ୨ ମାସ ପରେ ଅନୁଷ୍ଠିତ ହେବ ମାଟ୍ରିକ ପରୀକ୍ଷା। ମାତ୍ର ଏହା ପୂର୍ବରୁ ସରକାରଙ୍କୁ ଘାରିଲାଣି ମାଟ୍ରିକ ଡ୍ରପ୍ ଆଉଟ୍‌ଙ୍କ ଚିନ୍ତା। ଆଗୁଆ ସଜାଗ ହେଲାଣି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ଚଳିତ ବର୍ଷ ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ଦେଇ ନଥିବା ଛାତ୍ରଛାତ୍ରୀଙ୍କ ତାଲିକା ଡିଇଓମାନଙ୍କୁ ମଗାଯାଇଛି । ଏନେଇ ଆସନ୍ତା ୯ ତାରିଖ ସୁଦ୍ଧା ତଥ୍ୟ ଦାଖଲ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ବିଦ୍ୟାଳୟରେ କେତେ ଛାତ୍ରଛାତ୍ରୀ ଷାଣ୍ମାସିକ ପରୀକ୍ଷା ଦେଇନାହାନ୍ତି, ତାର ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। କେଉଁ କାରଣରୁ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି ତାର ତଥ୍ୟ ମଧ ଆସନ୍ତା ୯ ତାରିଖ ସୁଦ୍ଧା ଧାର୍ଯ୍ୟ ଫର୍ମାଟରେ ଦାଖଲ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଆସନ୍ତା ଫେବୃଆରୀ ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ହେବ ମାଟ୍ରିକ ପରୀକ୍ଷା । ମାଟ୍ରିକ ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ବି ହେବ। ଏଥର ପୁଣି ପୁରୁଣା ଢାଞ୍ଚାରେ ହେବ ପରୀକ୍ଷା।

▶▶ପୃଷ୍ଠା ୭

## ୩ରୁ ୫ ଡିଗ୍ରୀ ଯାଏଁ କମିବ ରାତି ତାପମାତ୍ରା

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ରାଜ୍ୟରେ ବଢିବ ଶୀତ। ଆଗାମୀ ୨ ରୁ ୩ ଦିନ ମଧ୍ୟରେ ରାତି ତାପମାତ୍ରା ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଖସିବାର ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତମାନ କୋହଲା ପାଗ ସାଙ୍ଗକୁ ମେଘୁଆ ଆକାଶ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକ ତୁଳନାରେ ୨ରୁ ୩ ଡିଗ୍ରୀ ଅଧିକ ରହୁଛି। ତେବେ କୋହଲା ପାଗ ପ୍ରଭାବ କମିବା ପରେ ଓ ବାଦଲ ହଟିବା ପରେ ରାତି ତାପମାତ୍ରା ଆଗାମୀ ୨ରୁ ୩ ଦିନ ମଧ୍ୟରେ ୩ ରୁ ୫ ଡିଗ୍ରୀ ଯାଏଁ ତଳକୁ ଖସିବାର ସମ୍ଭାବନା ରହିଛି। ଫଳରେ ରାତି ତାପମାତ୍ରା ସ୍ୱାଭାବିକ ସ୍ଥିତିକୁ ଫେରିବ ବୋଲି କହିଛି ପାଣିପାଗ ବିଭାଗ।

## ଜନଶତାବ୍ଦୀ ଏକ୍ସପ୍ରେସରେ ଲାଗିଲା ନିଆଁ: ଯାତ୍ରୀ ଛାନିଆ

କଟକ, ୦୭/୧୨ (ନି.ପ୍ର): ଆଜି ସକାଳୁ ସକାଳୁ ଜନଶତାବ୍ଦୀ ଏକ୍ସପ୍ରେସରେ ଲାଗିଲା ନିଆଁ। ଭୁବନେଶ୍ୱରରୁ ହାଓ୍ୱଡ଼ା ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସରେ ଅଗ୍ନିକାଣ୍ଡ ଘଟିଥିବା ଜଣା ଯାଇଛି। ତେବେ ଏଥିରେ ବିଶେଷ ଧନଜୀବନ ହାନୀ ହୋଇ ନ ଥିବା ଜଣାଯାଇଛି। ଜନଶତାବ୍ଦୀ ଏକ୍ସପ୍ରେସରେ ଆଜି ସକାଳେ ଭୁବନେଶ୍ୱର ଷ୍ଟେଶନ ଛାଡ଼ିବା ପରେ କଟକ ଷ୍ଟେଶନରେ ପହଞ୍ଚିଥିଲା। କଟକରେ ପହଞ୍ଚିବା ପରେ ଟ୍ରେନ୍‌ର ବ୍ରେକ୍ ଜାମ ହୋଇ ଯାଇଥିବା ବେଳେ ଏକ ବଗି ତଳେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଟ୍ରେନ୍‌ର ସସମ୍ତ ବଗିରୁ ଯାତ୍ରୀ ତୁରନ୍ତ ଓହ୍ଲାଇ ପଡ଼ିଥିଲେ।

▶▶ପୃଷ୍ଠା ୭



## ଏମ୍ସରେ ଚାଇନାର ବ୍ୟାପିଥିବା ନିମୋନିଆ ରୋଗର ରିପୋର୍ଟକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖଣ୍ଡନ କଲା

ନୂଆଦିଲ୍ଲୀ, ୦୭/୧୨ : ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ରେ ଚାଇନାରେ ବ୍ୟାପିଥିବା ନିମୋନିଆ ରୋଗର ସୁନିଶ୍ଚିତ ଖବରକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅସ୍ୱୀକାର କରିଛି ଏବଂ ଏହାକୁ ମିଥ୍ୟା ବୋଲି କହିଛି। ମନ୍ତ୍ରଣାଳୟ କହିଛି ଯେ ଏକ ଜାତୀୟ ଦୈନିକରେ ପ୍ରକାଶିତ ଏକ ଗଣମାଧମ ରିପୋର୍ଟରେ ଦର୍ଶାଯାଇଛି ଯେ ଚାଇନାରେ ନିମୋନିଆ ମାମଲାରେ ବୃଦ୍ଧି ଘଟିଥିବା ଏମ୍ସ ଦିଲ୍ଲୀ ସାତୋଟି ମାମଲା ନିଶ୍ଚିତ କରିଛି। ଏହି ରିପୋର୍ଟ ମିଥ୍ୟା ଏବଂ ବିଭ୍ରାନ୍ତକାରୀ ସୂଚନା ପ୍ରଦାନ କରୁଛି । ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଚାଇନା ସମେତ ପୃଥିବୀର କେତେକ ଅଂଚଳରେ ପିଲାମାନଙ୍କ ମଧ୍ୟରେ ଶ୍ୱାସ ସଂକ୍ରମଣର ବୃଦ୍ଧି ସହିତ ଏହି ସାତଟି ମାମଲା ସମ୍ବନ୍ଧୀୟ ନୁହେଁ ।

## ଆଜିଠୁ ତେଲଙ୍ଗାନାରେ ରେବନ୍ତ ରାଜ୍: ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ



ହାଇଦ୍ରାବାଦ, ୦୭/୧୨ : ଆଜିଠୁ ତେଲଙ୍ଗାନାରେ ଆରମ୍ଭ ହୋଇଛି ରେବନ୍ତ ରାଜ୍। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ରେବନ୍ତ ରେଡ୍ଡୀ। ହାଇଦ୍ରାବାଦର ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଶପଥ ନେଇଛନ୍ତି। ତେଲେଙ୍ଗାନା ରାଜ୍ୟପାଳ ଟି ସୌନ୍ଦରରାଜନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ ଭାବେ ଭଟ୍ଟି ବିକ୍ରମାର୍କା ମଲ୍ଲୁ ଶପଥ ନେଇଛନ୍ତି। ସେହିପରି ଆଉ ୧୦ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଉତ୍ତମ କୁମାର ରେଡ୍ଡୀ ଅଛନ୍ତି। ସେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିଲେ। ଏହି ଶପଥ ଗ୍ରହଣ ସମାରୋହରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରମୁଖ ସାମିଲ ହୋଇଥିଲେ। ୨୦୧୩ରେ ତେଲଙ୍ଗାନା ଗଠନ ପରେ କଂଗ୍ରେସ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଛି। ଏହାପୂର୍ବରୁ ବିଆରଏସ ତେଲଙ୍ଗାନାରେ ସରକାର ଗଢିଥିଲା। କିନ୍ତୁ ଚଳିତ ନିର୍ବାଚନରେ ରେବନ୍ତଙ୍କ ନେତୃତ୍ୱରେ ତେଲଙ୍ଗାନାରେ ସରକାର ଗଢିଛି କଂଗ୍ରେସ। ୫୪ ବର୍ଷୀୟ ରେବନ୍ତ ରେଡ୍ଡୀ ଯୁବାବସ୍ଥାରୁ ରାଜନୀତିରେ ଅଛନ୍ତି। ଛାତ୍ର ଥିବା ବେଳେ ସେ ଏବିଭିପି ସହିତ ଜଡ଼ିତ ଥିଲେ। ୨୦୦୬ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ି ଜିତିଥିଲେ। ୨୦୦୭ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆନ୍ଧ୍ର ପ୍ରଦେଶ ବିଧାନ ପରିଷଦକୁ ନିର୍ବାଚିତ ହୋଇଥିଲେ। ପରେ ସେ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି (ଟିଡିପି)ରେ ଯୋଗ ଦେଇଥିଲେ।

▶▶ପୃଷ୍ଠା ୭

## କଲାମ ଦ୍ୱୀପରୁ ଅଗ୍ନି-୧ର ସଫଳ ପରୀକ୍ଷଣ: ୧୨୦୦ କି.ମି. ଯାଏଁ ରହିଛି ଲକ୍ଷ୍ୟଭେଦ କ୍ଷମତା



ବାଲେଶ୍ୱର, ୦୭/୧୨ (ନି.ପ୍ର): ଗୁରୁବାର ଓଡ଼ିଶା ଉପକୂଳରୁ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ବାଲିଷ୍ଟିକ ମିସାଇଲ୍ ଅଗ୍ନି-୧ର ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଛି । ଏପିଜେ ଅବଦୁଲ୍ କଲାମ ଦ୍ୱୀପରୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିବା ସୂଚନା ମିଳିଛି । କ୍ଷେପଣାସ୍ତ୍ରଟି ନିର୍ଦ୍ଧାରିତ ସମୟରେ ୭୦୦ କିଲୋମିଟରରେ ଥିବା ଲକ୍ଷ୍ୟଭେଦ କରିବା ସହ ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଭାବେ ସବୁ ବିଭାଗ କାମ କରିଥିବା ଏହି ବ୍ୟାବହାରିକ ପରୀକ୍ଷାରୁ ଜଣାପଡ଼ିଥିଲା। ଅଗ୍ନି-୧ ସ୍ଥଳସେନାର ଷ୍ଟ୍ରାଟେଜିକ ଫୋର୍ସ ଦ୍ୱାରା ୨୦୦୭ରୁ ବ୍ୟବହାର ହୋଇ ଆସୁଛି। ଅଗ୍ନି-୧ କ୍ଷେପଣାସ୍ତ୍ରର ଲମ୍ବ ୧୫ ମିଟର ହୋଇଥିବା ବେଳେ ମୋଟେଇ ୧ ମିଟର ରହିଛି। ଏହାର ଓଜନ ୧୨୦୦୦ କିଲୋଗ୍ରାମ। ୧୦୦୦ କିଲୋଗ୍ରାମର ଉଭୟ ପାରମ୍ପରିକ ଓ ଆଣବିକ ବିସ୍ଫୋଟକ ନେଇ ଏହା ୭୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତାରେ ଲକ୍ଷ୍ୟ ଭେଦ କରିବାର କ୍ଷମତା ରଖିଛି । କମ ଯୁଦ୍ଧାସ୍ତ୍ର ବହନ କରିଲେ ଏହା ୧୨୦୦ କିଲୋମିଟର ପର୍ଯ୍ୟନ୍ତ ମଧ ଲକ୍ଷ୍ୟ ଭେଦ କରିବାର କ୍ଷମତା ରଖିଥିବା ଜଣାଯାଇଛି ।

## ୩ ରାଜ୍ୟ ପାଇଁ ବିଜେପି ବାଛିପାରିନି ମୁଖ୍ୟମନ୍ତ୍ରୀ: ଆଜି ନିଯୁକ୍ତ ହେବେ ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ, ୦୭/୧୨ : ରାଜସ୍ଥାନ, ମଧ ପ୍ରଦେଶ ଓ ଛତିଶଗଡ଼ରେ କିଏ ମୁଖ୍ୟମନ୍ତ୍ରୀ ହେବେ, ସେ ନେଇ କୌଣସି ନିଷ୍ପତ୍ତି ନେଇ ପାରିନାହିଁ ବିଜେପି। ସେଥିପାଇଁ ବିଚାରବିମର୍ଶ ଜାରି ରହିଛି। ତିନି ରାଜ୍ୟ ପାଇଁ ମୁଖ୍ୟମନ୍ତ୍ରୀ ବାଛିବାକୁ ଆସନ୍ତାକାଲି ଦଳ ପର୍ଯ୍ୟବେକ୍ଷକ ନିଯୁକ୍ତ କରିବ ବୋଲି ସୂଚନା ମିଳିଛି। ପର୍ଯ୍ୟବେକ୍ଷକମାନେ ସଂପୃକ୍ତ ରାଜ୍ୟମାନଙ୍କୁ ଯାଇ ନବନିର୍ବାଚିତ ବିଧାୟକଙ୍କ ବୈଠକରେ ଯୋଗ ଦେବେ। ସେହି ବୈଠକରେ ନେତା ଚୟନ କରାଯିବ ବୋଲି ଜଣାପଡ଼ିଛି। ବିଜେପି ନିର୍ବାଚନ ପୂର୍ବରୁ ଏହି ରାଜ୍ୟଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରି ନଥିଲା।

▶▶ପୃଷ୍ଠା ୭



# ସ୍ୱାସ୍ଥ୍ୟ ବିଭାଗର ଆକଳନ: ୨୦୩୬ରେ ଓଡ଼ିଶା ହେବ ବୟସ୍କଙ୍କ ରାଜ୍ୟ



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଦଶ ବର୍ଷ ପରେ ଓଡ଼ିଶାର ଜନସଂଖ୍ୟା ବଢ଼ିବା ବଦଳରେ ଖସୁଥିବ। ରାଜ୍ୟର ସମୁଦାୟ ପ୍ରଜନନ ହାର(ଟିଏଫ୍ଆର) ଜାତୀୟ ହାରଠାରୁ ଯଥେଷ୍ଟ କମ୍ ରହିଥିବା ଓ ଧୀରେଧୀରେ ଆହୁରି ହ୍ରାସ ପାଉଥିବା ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ଏଭଳି ଅନୁମାନ କରିଛି। ଆଉ ପାଦେ ଆଗକୁ ଯାଇ କହିଲେ, ଖୁବ୍ ଶୀଘ୍ର ଓଡ଼ିଶା ବୟସ୍କମାନଙ୍କର ଏକ ରାଜ୍ୟ ପାଲଟିବ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ପରିବାର ନିୟୋଜନ ୨୦୩୦ ଭିଜନ୍ ଡକ୍ୟୁମେଣ୍ଟରେ ଏଭଳି ଆକଳନ କରାଯାଇଛି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ୍ଏସ୍)-୫ ଅନୁଯାୟୀ, ରାଜ୍ୟରେ ଟିଏଫ୍ଆର ଏବେ ୧.୮ ରହିଛି। ଯାହାକି ରିପ୍ଲେସମେଣ୍ଟ ରେଟ୍ ବା ସନ୍ତୁଳିତ ହାର ୨.୧ଠାରୁ କମ୍। ଆସନ୍ତାବର୍ଷଠାରୁ ରାଜ୍ୟର ଟିଏଫ୍ଆର ୧.୮ ବଦଳରେ ୧.୬କୁ ଖସିଯିବା ନେଇ ଆକଳନ କରାଯାଇଛି। ରାଜ୍ୟରେ ଯଦି ୩ ଧର୍ମାବଲମ୍ବୀ ପରିବାର କଥା ବିଚାରକୁ ନିଆଯାଏ ତା'ହେଲେ ହିନ୍ଦୁମାନଙ୍କ କ୍ଷେତ୍ରରେ ଏହା ୧.୮, ମୁସଲିମଙ୍କର ୧.୯ ଓ ଖ୍ରୀଷ୍ଟିୟାନ୍ ବର୍ଗରେ ଏହା ୨.୩ ରହିଛି। ସେହିପରି ସହରାଞ୍ଚଳରେ ଟିଏଫ୍ଆର ୧.୬ ଓ ଗ୍ରାମାଞ୍ଚଳରେ ୧.୮ ରହିଛି। ୧୩ ବର୍ଷ ବେଳକୁ ରାଜ୍ୟର ଟିଏଫ୍ଆର ୧.୫ତଳକୁ ଖସିଯାଇଥାଇପାରେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଜନସଂଖ୍ୟା ହାର ବେଶ୍ ଭଲ ରହିଛି। ହେଲେ ଏବେ ଅନେକ ପ୍ରଥମ ସନ୍ତାନ ଜନ୍ମକୁ ବିଳମ୍ବିତ କରୁଛନ୍ତି। ଅଧିକାଂଶ ଦମ୍ପତି ଗୋଟିଏ ମାତ୍ର ପିଲା ଜନ୍ମ କରୁଛନ୍ତି। ଏହାସହ ଦାରିଦ୍ର୍ୟ ମଧ୍ୟ ଆଉ ଏକ ପ୍ରମୁଖ କାରଣ। ବର୍ତ୍ତମାନର ମହଙ୍ଗା ଯୁଗରେ ଗରିବ ଶ୍ରେଣୀର ଲୋକଟିଏ ମଧ୍ୟ ପିଲା ଜନ୍ମ ପାଇଁ କୁଣ୍ଠାବୋଧ କରିବାକୁ ଆରମ୍ଭ କଲାଣି। ଓଡ଼ିଶାରେ ଏବେ ଯୁବପିଢ଼ିଙ୍କ ସଂଖ୍ୟା ଅଧିକ ରହିଥିବାରୁ ଜନସଂଖ୍ୟା ବୃଦ୍ଧି ହେଉଛି। ହେଲେ ଏହା ସବୁଦିନ ପାଇଁ ଜାରି ରହିବ ନାହିଁ। କାରଣ ଏବେ ଯେଉଁ ଯୁବକମାନେ ରହିଛନ୍ତି ଆସନ୍ତା ୧୫ବର୍ଷ ପରେ ସେମାନଙ୍କ ବୟସ ୪୦-୪୫ବର୍ଷ ଛୁଇଁବ। ସେତେବେଳକୁ ଓଡ଼ିଶାରେ ଜନସଂଖ୍ୟା ପିରାମିଡ୍ ଭିନ୍ନ ହେବ। ତେଣୁ ଆସନ୍ତା ୧୩ବର୍ଷ ଅର୍ଥାତ୍ ୨୦୩୬ ବେଳକୁ ରାଜ୍ୟରେ ଜନସଂଖ୍ୟା ଖସୁଥିବା ଦେଖିବାକୁ ମିଳିବ।

ଅପରପକ୍ଷରେ ରାଜ୍ୟରେ ଜନ୍ମ ନିୟନ୍ତ୍ରଣର ସଫଳତାର ପରିସଂଖ୍ୟାନକୁ ଦେଖି ଏହାକୁ ଖୋଲା ଛଡ଼ା ଯାଇପାରିବ ନାହିଁ। ଏବେ ବି ୨୫% ଦମ୍ପତି ପାରମ୍ପରିକ ଗର୍ଭନିରୋଧକ ପଦ୍ଧତି ଅବଲମ୍ବନ କରୁଛନ୍ତି। ଏଥିରେ କିଛିଟା ସମସ୍ୟା ରହିଛି। ଏବେ ନୂଆ ନୂଆ ପଦ୍ଧତି ଉପଲବ୍ଧ ହେଲାଣି। ତେଣୁ ଏହି ନୂଆ ଗର୍ଭନିରୋଧକ ପଦ୍ଧତିକୁ ମହିଳମାନେ ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦିଆଯିବ। ଜନସଂଖ୍ୟା ଓ ଗର୍ଭନିରୋଧକ ପଦ୍ଧତି ଇତ୍ୟାଦିକୁ ନଜରରେ ରଖି ପରିବାର ନିୟୋଜନ ୨୦୩୦ ରୋଡ୍ମ୍ୟାପ୍ ପ୍ରସ୍ତୁତ କରାଯାଇଥିବା ଅଧିକାରୀ ଜଣକ କହିଛନ୍ତି। ଏହି ଅବସରରେ ୨ଟି ନୂତନ ଗର୍ଭ ନିରୋଧକ ପଦ୍ଧତି ଆରମ୍ଭ କରାଯାଇଛି। ଗୋଟିଏ ହେଉଛି ସବ୍ ଡରମାଲ୍ ଇମ୍ପ୍ଲାଣ୍ଟ୍ ଓ ସବ୍କ୍ୟୁଟାନିୟମ୍ ଇଞ୍ଜେକଟେବଲ୍ କଣ୍ଟ୍ରାସେପଟିଭ୍ ଏମ୍ପିଏ(ଅନ୍ତରା)। ସବ୍ ଡରମାଲ୍ ଇମ୍ପ୍ଲାଣ୍ଟ୍ ଗଞ୍ଜାମ ଓ କଟକରେ ଆରମ୍ଭ କରାଯିବ। ଏହା ୩ବର୍ଷ ପାଇଁ ଗର୍ଭଧାରଣକୁ ରୋକିବ। ସବ୍କ୍ୟୁଟାନିୟମ୍ ଇଞ୍ଜେକଟେବଲ କଣ୍ଟ୍ରାସେପଟିଭ୍ ଏମ୍ପିଏ(ଅନ୍ତରା) ବାଲେଶ୍ୱର ଓ ଗଜପତିରେ ଆରମ୍ଭ ହେବ। ଏହା ୩ମାସ ପାଇଁ ଗର୍ଭଧାରଣକୁ ରୋକିପାରିବ। ଏହି ନୂତନ ଗର୍ଭ ନିରୋଧକ ପଦ୍ଧତିର ବ୍ୟବହାର ଫଳରେ ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟରେ ସେମାନଙ୍କ ଅଧିକାରକୁ ଅଧିକ ସଶକ୍ତ କରିବ। ସବୁ ମହିଳା ଓ କିଶୋରୀ ସୁସ୍ଥ ଜୀବନଯାପନ କରିବା ସହିତ ଗର୍ଭନିରୋଧ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁରରୁ ଛାଡ଼ିଲା ସ୍ୱତନ୍ତ୍ର ଟ୍ରେନ

ସମ୍ବଲପୁର, ୦୭/୧୨ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ସମ୍ବଲପୁର ରେଳ ଷ୍ଟେସନରୁ ୮ ଟି ଜିଲ୍ଲାରୁ ମୋଟ୍ ୯୭୦ ଜଣ ଯାତ୍ରୀଙ୍କୁ ନେଇ କୋଲକାତା-କାମାକ୍ଷା ଅଭିମୁଖେ ଯାତ୍ରା କରିଛି। ସେମାନଙ୍କ ସହିତ ୩୦ ଜଣ ଏସ୍କଟ ଅଫିସର ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେଓଗଡ଼, ଅନୁଗୁଳ ଜିଲ୍ଲାର ବରିଷ୍ଠ ନାଗରିକ ଏହି ଯାତ୍ରାରେ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ସମସ୍ତ ତୀର୍ଥଯାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ସେମାନଙ୍କ ସଫଳ ଯାତ୍ରା କାମନା କରିଥିଲେ। ବରିଷ୍ଠ ନାଗରିକଙ୍କ ଯାତ୍ରା ଖର୍ଚ୍ଚ, ରହିବା, ଖାଇବା ଏବଂ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାରେ ସରକାର ସମସ୍ତ ପ୍ରକାର ସହଯୋଗ କରିଛନ୍ତି। ତୀର୍ଥ ଯାତ୍ରା ପରିଭ୍ରମଣ କରି ଆପଙ୍କମାନେ ସମସ୍ତେ ଦିବ୍ୟ ଅନୁଭୂତି ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏଭଳି ଏକ ଯୋଜନାରେ ତୀର୍ଥଯାତ୍ରା କରିବା ଆମ ପକ୍ଷେ ସମ୍ଭବ ନ ଥିଲା, ମାତ୍ର ମୁଖ୍ୟମନ୍ତ୍ରୀ ତାକୁ ସାକାର କରିଥିବାରୁ ତୀର୍ଥଯାତ୍ରୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିଣତ ବୟସରେ ତୀର୍ଥ ଭ୍ରମଣ କରିବାର ସୁଯୋଗ ମିଳିଥିବାରୁ ସମସ୍ତଙ୍କ ମୁହଁରେ ହସ ଦେଖିବାକୁ ମିଳିଥିଲା ଏବଂ ପ୍ରତିକ୍ରିୟାରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ବି ଜଣାଇଛନ୍ତି। ଏହି ସ୍ୱତନ୍ତ୍ର ଟ୍ରେନଟି ଦିନ ସାଢ଼େ ୧୧ଟା ବେଳେ ସମ୍ବଲପୁର ରେଳ ଷ୍ଟେସନ ଛାଡିଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗା ପ୍ରସାଦ ସାମନ୍ତରାୟ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଉତରାଂଚଳ ରାଜସ୍ୱ କମିସନର ଡ. ସୁରେଶ ଚନ୍ଦ୍ର ଦଳାଇ, ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ତୀର୍ଥଯାତ୍ରୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଥିବା କିଟ ବ୍ୟାଗ ପ୍ରଦାନ କରାଯାଇଥିଲା। ସମ୍ବଲପୁରୀ ନୃତ୍ୟର ତାଳେତାଳେ, ଶଙ୍ଖ ହୁଳହୁଳି ଦେଇ ସମସ୍ତ ତୀର୍ଥଯାତ୍ରୀଙ୍କୁ ବିଦାୟୀ ଦିଆଯାଇଥିଲା। ତୀର୍ଥ ଯାତ୍ରୀମାନେ ତୀର୍ଥ ପରିଭ୍ରମଣ କରି ଆସନ୍ତା ଡିସେମ୍ବର ୧୧ ତାରିଖରେ ସମ୍ବଲପୁର ପ୍ରତ୍ୟାବର୍ତନ କରିବେ।

## ମନ୍ତ୍ରୀଙ୍କ ଦ୍ୱାରା ୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ଭୁବନ, ୦୭/୧୨ (ନି.ପ୍ର): ଭୁବନ ବ୍ଲକ ଏବଂ ଏନ୍ ଏ ସି ରେ ୮ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଆଜି ବୁଧବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷା ନଗର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ବୁଢେଶ୍ୱର ପାର୍କ ସୌନ୍ଦର୍ଯ୍ୟ କରଣ ନିମନ୍ତେ ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବାଉଣ୍ଡରି ୱାଲ, ସିକ୍ୟୁରିଟି ଗୃହ, ପେଭର ବ୍ଲକ ରାସ୍ତା, ଲନ, ଟଏଲେଟ,ୱାଚ ଟାୱାର ବ୍ୟାୟାମ ଶାଳା ଓ କ୍ରୀଡ଼ା ଉପକରଣ କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ କରିଥିଲେ। ପରେ ସହିଦ ବାଜି ରାଉତଙ୍କ ଗ୍ରାମ ନିଳକଣ୍ଠପୁର ରେ ୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ବାଜି ରାଉତ ପାର୍କ ର ଶିଳାନ୍ୟାସ କରିଥିଲେ। ଶେଷରେ ଏକତାଳି ଗ୍ରାମରେ ୪ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ମିନି ଷ୍ଟାଡିୟମ୍ ଓ ପାଠାଗାର ନିମନ୍ତେ ଶିଳାନ୍ୟାସ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟ ପୂର୍ତ ବିଭାଗ ଜରିଆରେ ନିର୍ମାଣ ହେବ ଓ ୯ ମାସ ମଧ୍ୟରେ ଶେଷ ହେବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୂର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ,ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କ ସମେତ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ମହୁଲପାଳ - କଣପାଳ ସରପଂଚ ଲିପ୍ସା ରାଉତ,ସମିତି ସଭ୍ୟ ଆଶାଲତା ତରାଇ, ସନ୍ତୋଷ କୁମାର ମଲ୍ଲିକ, ଏକତାଳି ସରପଂଚ ଝିଲିପ୍ରଭା ବେହେରା,ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ସରୋଜିନୀ ଦ୍ୱିବେଦୀ, ଅମୂଲ୍ୟ ଦ୍ୱିବେଦୀ, ସୁଶାନ୍ତ କୁମାର ପୃଷ୍ଟି,ସଞ୍ଜୀବ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# 'ପରମାଣୁ ଶକ୍ତିକେନ୍ଦ୍ର'ଠାରୁ ଶହେଗୁଣ ଅଧିକ ବିକିରଣ: ମୃତ୍ୟୁଯନ୍ତା ବସାଇଛି ଫ୍ଲାଏ ଆସ୍

## ସର୍ବାଧିକ ଅସୁରକ୍ଷିତ ତାଲିକାରେ ଓଡ଼ିଶାର ଅନୁଗୁଳ ଓ ଝାରସୁଗୁଡ଼ା



ଝାରସୁଗୁଡ଼ା/ଇବ୍ ଥର୍ମାଲ, ୦୭/୧୨ (ନି.ପ୍ର): ତାପଜ ବିଦ୍ୟୁତ୍ କେନ୍ଦ୍ର ତଥା ବିଭିନ୍ନ ଶିଳ୍ପାନୁଷ୍ଠାନରେ କୋଇଲା ଦହନରୁ ନିର୍ଗତ ଫ୍ଲାଏ ଆସ୍ ମଧ୍ୟ ବିକିରଣ କରିଥାଏ। ୟୁରାନିୟମ, ଥୋରିୟମ୍, ରେଡିୟମ ଭଳି ତେଜସ୍କ୍ରିୟ ଧାତୁ କାରଣରୁ ଏହି ଫ୍ଲାଏ ଆସ୍ର ବିକିରଣ ପରମାଣୁ ଶକ୍ତିକେନ୍ଦ୍ରର ବିକିରଣଠାରୁ ପ୍ରାୟ ଶହେ ଗୁଣ ଅଧିକ। ଯାହା ଉଭୟ ମଣିଷ ଓ ପରିବେଶ ପାଇଁ ହାନିକାରକ। ଆନ୍ତର୍ଜାତିକ ଜର୍ଣ୍ଣାଲ 'ଜର୍ଣ୍ଣାଲ ଅଫ୍ ଏନଭିରନମେଣ୍ଟାଲ ମ୍ୟାନେଜ ମେଣ୍ଟ'ରେ ପ୍ରକାଶିତ 'ପାଉଁଶ ଯୋଗୁ ହେଉଥିବା ବିକିରଣ ଓ ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ' ଶୀର୍ଷକ ଗବେଷଣାତ୍ମକ ସନ୍ଦର୍ଭରେ ଏ ସମ୍ପର୍କରେ ସତର୍କ କରି ଦିଆଯାଇଛି। ଓୟୁଟିଆରର ମଧୁସ୍ମିତା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ସରୋଜ କୁମାର ସାହୁ, 'ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍ ଫର୍ ହ୍ୟୁମାନିଟି ଆଣ୍ଡ ନେଚର'ର ପୁନମ ମଙ୍ଗରାଜ ଓ ଆଇଆଇଟିଏମ୍ର ଜି. ବେଗ୍ଙ୍କ ଏହି ଗବେଷଣାରେ ଦେଶର ୨୭୨ଟି ଶିଳ୍ପ ପ୍ରଭାବିତ ଜିଲ୍ଲାର ରିପୋର୍ଟ ଦିଆଯାଇଛି। ଉଦ୍‌ବେଗର ବିଷୟ, ତାଲିକାରେ ସର୍ବାଧିକ ଅସୁରକ୍ଷିତ ୧୦ଟି ଜିଲ୍ଲା ମଧ୍ୟରେ ଓଡ଼ିଶାର ଅନୁଗୁଳ ଓ ଝାରସୁଗୁଡ଼ା ରହିଛି। କୋଇଲାରେ ତେଜସ୍କ୍ରିୟ ପଦାର୍ଥ ରହିଛି। ପ୍ରାକୃତିକ ଅବସ୍ଥାରେ କୋଇଲାରେ ସେଗୁଡ଼ିକର ପ୍ରଭାବ ପ୍ରାୟତଃ ଶୂନ ରହିଥାଏ। ମାତ୍ର କୋଇଲା ଯେତେବେଳେ ପୋଡ଼ି ପାଉଁଶ ହୁଏ ସେତେବେଳେ ଏଥିରେ ୟୁରାନିୟମ, ଥୋରିୟମ, ରେଡିୟମ୍ ଭଳି ତେଜସ୍କ୍ରିୟ ପଦାର୍ଥ ସେମାନଙ୍କ ପ୍ରାକୃତିକ ସ୍ଥିତି ଅପେକ୍ଷା ୫ ଗୁଣ ଅଧିକ କ୍ଷତିକାରକ ହୋଇଉଠନ୍ତି। ଏହି ଉଡ଼ନ୍ତା ପାଉଁଶ ତାପଜ ବିଦ୍ୟୁତ କେନ୍ଦ୍ରର ଆଖପାଖରେ ମାଟି, ପାଣି, ପବନରେ ମିଶି ଚାଷଜମି, ପାଣି, ଖାଦ୍ୟ ଆଦିକୁ ସାଂଘାତିକ ଭାବରେ ପ୍ରଦୂଷିତ ଏବଂ ପ୍ରଭାବିତ କରିଥାଏ। ଏଥିରେ ଥିବା ତେଜସ୍କ୍ରିୟ ଧାତୁ ମାଛ, କଙ୍କଡ଼ା, ଗେଣ୍ଡା, ପରିବା, ଖାଦ୍ୟଶସ୍ୟ ମାଧ୍ୟମରେ ଖାଦ୍ୟଶୃଙ୍ଖଳାରେ ପ୍ରବେଶ କରିଥାଏ। ନିରନ୍ତର ଫ୍ଲାଏ ଆସ୍ ସଂସ୍ପର୍ଶରେ ଆସିବାଦ୍ୱାରା ତାପଜ ବିଦ୍ୟୁତ କେନ୍ଦ୍ର ନିକଟରେ ରହୁଥିବା ଲୋକଙ୍କ ଶରୀରରେ ବିକିରଣ ପ୍ରଭାବ ଯୋଗୁ ଫୁସଫୁସ୍, ଗଳା ଓ ମୂତ୍ରାଶୟ କର୍କଟ ରୋଗ ହୋଇଥାଏ। ଏପରିକି ରେଡିୟମର ରେଡିଓ ଆକ୍ଟିଭ ଆଇସୋଟୋପ୍ ୨୨୬ ଓ ୨୨୮ର ସ୍ୱଳ୍ପ ମାତ୍ରା ମଧ୍ୟ ଫୁସଫୁସରେ ଜମା ହୋଇଯାଏ। ଆସ୍ ପଣ୍ଡ୍ରେ ଜମା ହୋଇଥିବା ଆସ୍ ସ୍ଲରି ପରିତ୍ୟକ୍ତ ଖଣିଖାଦାନ, କ୍ୱାରି ଓ ଖାଲିସ୍ଥାନ ପୋତିବା ପାଇଁ ବ୍ୟବହାର କରାଯାଉଥିବା ବେଳେ ଏହା ଆଖପାଖରେ ବାସ କରୁଥିବା ଜନଜୀବନ ପ୍ରତି ବିପଦ ପାଲଟୁଛି। ଦେଶର ୨୭୨ଟି ଜିଲ୍ଲାର ଶିଳ୍ପଜନିତ କାର୍ଯ୍ୟକଳାପରୁ ସୃଷ୍ଟ ତେଜସ୍କ୍ରିୟ ଧାତୁମିଶ୍ରିତ ଶିଳ୍ପ ବର୍ଜ୍ୟର ବିକିରଣକୁ ନେଇ ଏହି ଅଧ୍ୟୟନ କରାଯାଇ ଥିଲା। ଯେଉଁଥିରେ ଦେଶର ୧୦ଟି ସର୍ବାଧିକ ଅସୁରକ୍ଷିତ ଜିଲ୍ଲା ତାଲିକାରେ ଓଡ଼ିଶାର ଅନୁଗୁଳ ପ୍ରତିବର୍ଷ ୯୯୭.୬ ଜିବିକ୍ୟୁ ବିକିରଣ ସହ ତୃତୀୟ ସ୍ଥାନରେ ରହିଛି। ଝାରସୁଗୁଡ଼ା ଜିଲ୍ଲା ପ୍ରତିବର୍ଷ ୫୧୬.୯ ଜିବିକ୍ୟୁ ବିକିରଣ ସହ ନବମ ସ୍ଥାନରେ ରହିଛି। ଏହି ତାଲିକାରେ ଛତିଶଗଡ଼ର କୁର୍ବା, ରାୟଗଡ଼ ଓ ଚମ୍ପା, ଗୁଜରାଟର କଚ୍ଛ, ସୁରତ ଓ ଜାମନଗର, ମଧ୍ୟପ୍ରଦେଶର ସିଦ୍ଧି, ମହାରାଷ୍ଟ୍ରର ନାଗପୁର ମଧ୍ୟ ରହିଛି। ତାଲିକାରେ କୁର୍ବା ପ୍ରତିବର୍ଷ ୧୩୨୬.୪ ଜିବିକ୍ୟୁ ବିକିରଣ ସହ ତାଲିକାର ପ୍ରଥମ ଓ କଚ୍ଛ ପ୍ରତିବର୍ଷ ୧୨୧୨.୭ ଜିବିକ୍ୟୁ ବିକିରଣ ମାତ୍ରା ସହ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ୍ ନିୟମକୁ ଉଲ୍ଲଂଘନ କରି ଆସ୍ ପଣ୍ଡଗୁଡ଼ିକରୁ ପାଉଁଶ ପରିବହନ ଏକ ନିତିଦିନିଆ ଘଟଣା ପାଲଟିଛି। ଝାରସୁଗୁଡ଼ା, ଅନୁଗୁଳ ଭଳି ଜିଲ୍ଲାର ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ନିର୍ଗତ ପାଉଁଶ କେବଳ ଏହି ଦୁଇ ଜିଲ୍ଲା ନୁହେଁ, ବେଧଡ଼କ ଡମ୍ପିଂ ଯୋଗୁ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ମଧ୍ୟ ପ୍ରଭାବିତ କରି ସାରିଲାଣି।

## ଜଙ୍ଗଲ ସମ୍ପଦ ଲୁଟ୍ ଅଭିଯୋଗରେ ୩ ଗିରଫ

ସମ୍ବଲପୁର, ୦୭/୧୨ (ନି.ପ୍ର): ବିଶେଷ ଭାବେ ରାଜ୍ୟର ବିସ୍ତୀର୍ଣ୍ଣ ଜଙ୍ଗଲ ସମ୍ପଦ କହିଲେ ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ଗଡ଼ଜାତ ଅଂଚଳକୁ ବୁଝାଯାଏ। ହେଲେ ସିଂହଭାଗ ଜଙ୍ଗଲ ସମ୍ପଦ ପଶ୍ଚିମ ଓଡ଼ିଶାରେ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରେ ବ୍ୟାପକ ହରିଲୁଟ ହେବାରେ ଲାଗିଛି। ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ ହୋଇଆସୁଥିବା ବେଳେ ନିକଟରେ ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲ ବନଖଣ୍ଡ ବେଶ୍ ତତ୍ପରତା ପ୍ରକାଶ କରି ଧରପଗଡ଼ ଆରମ୍ଭ କରିଛି ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପଡ଼ିଆବାହାଲ ବନଖଣ୍ଡ ଅନ୍ତର୍ଗତ ଦଲଦଲୀ ସଂରକ୍ଷିତ ଜଙ୍ଗଲ କାଟି ଜଙ୍ଗଲ ଜମିକୁ ଆବାସ ଜମି କରିବା ଓ କିଛି ଶାଳଗଣ୍ଡି ସହ ଚୌକାଠ ଚୋରାଚାଲାଣ କରିବା ଅଭିଯୋଗରେ ଗୋଟିଏ ଅଟୋକୁ ଜବତ କରିବା ସହ ସମ୍ପୃକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ଉଦ୍ୟମରେ ଏକାଠି ହେଲେ ସ୍ୱାମୀ ସ୍ତ୍ରୀ

କେନ୍ଦ୍ରାପଡ଼ା, ୦୭/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକ ଭଙ୍ଗା ପରିବାରକୁ ଯୋଡି ପୁନର୍ବାର ସ୍ୱାମୀ ସ୍ତ୍ରୀ ଏକାଠି ରହିବା ପାଇଁ ରାଜି ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡା ଗ୍ରାମର ମିନାକ୍ଷୀ ଜେନାଙ୍କ ସହିତ ସେହି ଗ୍ରାମର ପ୍ରଦିପ ଜେନାଙ୍କ ବିବାହ ହୋଇଥିଲା । ବିବାହର କିଛି ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହେବାରୁ ଉଭୟଙ୍କ ମଧ୍ୟରେ ମନାନ୍ତର ସୃଷ୍ଟିହେବା ସହ ପାରିବାରିକ ଗଣ୍ଡଗୋଳ ଯୋଗୁଁ ମିନାକ୍ଷୀ ଦୀର୍ଘ ୬ ବର୍ଷ ହେଲା ତାଙ୍କ ବାପ ଘରେ ଝିଅ ସହିତ ରହୁଥିଲେ । ଏନେଇ ସେ ଆଇନସେବା ପ୍ରାଧିକରଣ ଅଫିସରେ ସ୍ଥାୟୀ ଲୋକ ଅଦାଲତରେ ମାମଲା ଦାଏର କରିଥିଲେ । ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କଲାପରେ ଆପୋଷ ମିଳାମିଶା ରେ ସ୍ୱାମୀ ସ୍ତ୍ରୀ ଏକାଠି ହୋଇ ପୁନର୍ବାର ଘର ସଂସାର କରିବା ପାଇଁ ରାଜି ହୋଇଥିବା ଜଣାପଡିଛି ।

## ଉତ୍କଳ ଗୌରବ ସେବା ସଂସଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଧର୍ମଶାଳା,୬ଡିସେମ୍ବର(ହି.ସ.) - ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଢିହସାହି ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ଗୌରବ ସେବା ସଂସଦର ୨୪ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥିବା ଉତ୍ସବ ଏକ ବିଶାଳ ଭଷାଣୀ ଶୋଭାଯାତ୍ରାରେ ଶେଷ ହୋଇଛି । ବିଭିନ୍ନ ଦିବସରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତି କାର୍ଯ୍ୟକ୍ରମ ସହ ପୂଜ୍ୟପୂଜା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଦିନ ଭଷାଣୀ ଯାତ୍ର ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲାରେ ନିଆଁ ଦାଉରୁ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ସୁରକ୍ଷା ବୈଠକ

କନ୍ଧମାଳ, ୦୭/୧୨ (ନି.ପ୍ର): ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ଜଙ୍ଗଲ ନିଆଁରୁ ରକ୍ଷା କରିବା ପାଇଁ ସରକାର ଅଗ୍ନି ଅସୁରକ୍ଷିତ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ବିଭାଗ ସହିତ ସର୍ବୋ ମ ସମନ୍ୱୟ ରକ୍ଷା କରିବାକୁ ସ୍ଥିର କରିଛନ୍ତି ଏବଂ ଆଗକୁ ଆସୁଥିବା ଅଗ୍ନିକାଣ୍ଡ ଘଟଣାରେ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି ଯାହା କନ୍ଧମାଳ ଜିଲ୍ଲାରେ ଜାନୁଆରୀ ୨୦୨୪ ରୁ ଜୁନ୍, ୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି କ୍ରମରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଆଶିଷ ଇଶ୍ୱର ପାଟିଲ୍ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଗ୍ନି ନିବାରଣ ଏବଂ ପ୍ରଶମନ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଅଗ୍ନି ଅସୁରକ୍ଷିତ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସଚେତନ କରିବା ନିହାତି ଆବଶ୍ୟକ। ଏହି ଜଙ୍ଗଲ ସେମାନଙ୍କର ଏବଂ ସେମାନେ ଭବିଷ୍ୟତରେ ଏଥିରୁ ଲାଭବାନ ମଧ୍ୟ ହୋଇପାରିବେ ଯଦି ଜଙ୍ଗଲ ରହିଥିବ ବୋଲି ଜିଲ୍ଲାପାଳ କହିଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରଶାନ୍ତ ପଟେଲ୍ କହିଲେ,ଏହି ଜିଲ୍ଲାରେ ଅଧିକାଂଶ ଲୋକ ଗଛ କାଟିବା ଓ ପୋଡୁ ଚାଷ କରିବା ଦ୍ୱାରା ଜିଲ୍ଲାର ଜଙ୍ଗଲ ସମ୍ପଦ ହ୍ରାସ ପାଉଛି । ତେବେ, ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଗୁଡ଼ିକ ଉଦ୍ୟମରେ ଚଳିତ ବର୍ଷ ଗତ ବର୍ଷ ତୁଳନାରେ ସମ୍ବେଦନଶୀଳ ଅଗ୍ନିକାଣ୍ଡ ପଏଣ୍ଟ କମ୍ ଥିବା ଜଣାପଡ଼ିଛି। ୨୦୨୪ ମସିହାରେ ଜଙ୍ଗଲ ନିଆଁ ମୁକ୍ତ କନ୍ଧମାଳ ଜିଲ୍ଲା ପାଇଁ ପ୍ରତିଷେଧକ ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ପଟେଲ କହିଥିଲେ। ସେହିପରି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଶ୍ରୀ ବିଶ୍ୱରାଜ୍ ପଣ୍ଡା କହିଲେ, ଚାଷ ପାଇଁ ଗଛ କାଟି ନିଆଁ ଲଗାଇଦେଲେ ସେମାନଙ୍କର ଲାଭ ବଦଳରେ କ୍ଷତି ହେଉଛି ବୋଲି ସେମାନେ ଜାଣିପାରୁନାହାଁନ୍ତି। ସେଥିପାଇଁ ଅଗ୍ନି ଅସୁରକ୍ଷିତ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସଚେତନ କରିବା ନିହାତି ଆବଶ୍ୟକ। ସମ୍ବେଦନଶୀଳ ଅଗ୍ନିକାଣ୍ଡ ପଏଣ୍ଟ ଗୁଡ଼ିକରେ ବାରମ୍ବାର ବୈଠକ କରି ନିଆଁ ନ ଲଗାଇଲେ ସେମାନଙ୍କର କ'ଣ ସବୁ ଲାଭ ହେବ ସେ ବିଷୟରେ ସ୍ଥାନୀୟ ଲୋକମାନଙ୍କୁ ବୁଝାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ବନବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଭାବେ ବନ୍ୟପ୍ରାଣୀ ତ ୍ୱାବଧାରକ ଭାବେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପାହାଡ, ବନବାସୀ ସେବା ସମିତି ଇତ୍ୟାଦିର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ, ସବୁଜ ପ୍ରେମୀ ଏବଂ ବନ ସୁରକ୍ଷା ସମିତିର ସଭାପତିମାନେ ସେମାନଙ୍କର ମତ ରଖିବା ସହିତ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ ଯାହା ବନ ବିଭାଗର ଆକ୍ସନ୍ ପ୍ଲାନ୍ରେ ସ୍ଥାନ ପାଇବ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ ଏବଂ ବନ ବିଭାଗ ସମେତ ପ୍ରତ୍ୟେକ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣ ମାଧ୍ୟମ ସମସ୍ତଙ୍କର ସହଯୋଗରେ ଜଙ୍ଗଲ ନିଆଁକୁ ରୋକାଯାଇପାରିବ। ସେ ନିଆଁ ସ୍ୱାର୍ଥ ହାସଲ ପାଇଁ ଲାଗିଥାଉ କିମ୍ବା ଖଳ ପ୍ରକୃତିର ଲୋକମାନଙ୍କ ଦ୍ୱାରା ଲଗାଯାଇଥାଉ ତାକୁ ଲିଭାଇବା ପାଇଁ ସମସ୍ତଙ୍କର ମିଶନ ହେଉ ବୋଲି ସମସ୍ତେ ମତ ରଖିଥିଲେ। ଫୁଲବାଣୀ ଫରେଷ୍ଟ ଡିଭିଜନର ସହକାରୀ ବନ ସଂରକ୍ଷକ ଶ୍ରୀ ମଳୟ ରଞ୍ଜନ କାଲୋ ପାୱାର ପଏଣ୍ଟ ମାଧ୍ୟମରେ ଜଙ୍ଗଲରେ ନିଆଁ ଲାଗିବାର ମୁଖ୍ୟ କାରଣ, ଜଙ୍ଗଲ ନିଆଁର ପ୍ରଭାବ, କେଉଁ କେଉଁ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ପ୍ରତିବର୍ଷ ନିଆଁ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲଗାଯାଉଛି ସେଗୁଡ଼ିକର ତାଲିକା, ତା'ର ନିରାକରଣ ଓ ପ୍ରତିରୋଧ ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ, ଏବଂ ୨୦୨୪ ମସିହାରେ ଜଙ୍ଗଲ ନିଆଁ ମୁକ୍ତ କନ୍ଧମାଳ ଜିଲ୍ଲା ପାଇଁ ପ୍ରଚେଷ୍ଟା ଉପରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ, ଫୁଲବାଣୀ ଓ ବାଲିଗୁଡ଼ା ବନଖଣ୍ଡର ଅଧିକାରୀ, ସ୍ୱେଚ୍ଛାସେବୀ ଭାବେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପାହାଡ, ବନବାସୀ ସେବା ସମିତି ଇତ୍ୟାଦିର ମୁଖ୍ୟ କାର୍ଯ୍ୟ ନିର୍ବାହୀ, ସବୁଜ ପ୍ରେମୀ ଏବଂ ବନ ସୁରକ୍ଷା ସମିତିର ସଭାପତି ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# କୁକୁର କାମୁଡ଼ାରେ ପୁରୀ ସହରରେ ଶିଶୁ ମୃତ୍ୟୁ ମାମଲା: ଉପଯୁକ୍ତ କ୍ଷତିପୂରଣ ମିଳି ନଥିବାରୁ ହାଇକୋର୍ଟଙ୍କ ଅସନ୍ତୋଷ




କଟକ, ୦୭/୧୨ (ନି.ପ୍ର): ପୁରୀ ସହରର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ବୁଲା କୁକୁର କାମୁଡ଼ାରେ ଚାରିବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟଣାରେ ପୀଡ଼ିତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପ୍ରସଂଗରେ ହାଇକୋର୍ଟରେ ଆଜି ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଛି। ଏହି ଘଟଣାରେ ପୀଡ଼ିତ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଓ ରେଡ୍ କ୍ରସ୍‌ରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଭଳି ଘଟଣାରେ ପୌର ଆଇନରେ କୌଣସି କ୍ଷତିପୂରଣ ବ୍ୟବସ୍ଥା ନାହିଁ ବୋଲି ପୁରୀ ପୌରପାଳିକା ତରଫରୁ ଦର୍ଶାଯାଇଥିଲା। ଯଦି ଅଧିକ କ୍ଷତିପୂରଣ ପ୍ରଦାନ ପ୍ରସଂଗ ବିଚାରକୁ ନିଆଯାଏ ତେବେ ସୁପ୍ରିମକୋର୍ଟଙ୍କ ସରଳା ବର୍ମା ରାୟ ଅନୁସାରେ ଗୁଣକ ପଦ୍ଧତି (ମଲ୍ଟିପ୍ଲାୟର ମେଥଡ୍) ଆଧାରରେ ଶିଶୁକୁ ଚାରିବର୍ଷ ହୋଇଥିବାରୁ ୬୦ ହଜାର ଟଙ୍କା କ୍ଷତିପୂରଣ ମିଳିବା କଥା ବୋଲି ପୁରୀ ପୌରପାଳିକା ତରଫରୁ ଦର୍ଶାଯାଇଥିଲା।

ଅନ୍ୟପକ୍ଷରେ ୪ ବର୍ଷର ଶିଶୁର ମୃତ୍ୟୁ ପାଇଁ ପୀଡ଼ିତ ପରିବାରର ଅପୂରଣୀୟ କ୍ଷତି ହୋଇଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ସମାନ ଧରଣର ମାମଲାରେ କର୍ଣ୍ଣାଟକ ଓ ଦେଶର ଅନ୍ୟ ହାଇକୋର୍ଟ ପୀଡ଼ିତ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାୟ ଦେଇଛନ୍ତି। ଏ ସଂପର୍କିତ ରାୟର କପି ଦାଖଲ କରାଯିବା ସହିତ ପୀଡ଼ିତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏ ସଂପର୍କିତ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୬ ଡିସେମ୍ବର ୧ରେ ପୁରୀ ସହରର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ଏକ ଚାରି ବର୍ଷରୁ ଶିଶୁକୁ କେତେକ ବୁଲା କୁକୁର କାମୁଡ଼ିଥିଲେ। କୁକୁର କାମୁଡ଼ାରେ ଶିଶୁର ମୃତ୍ୟୁ ହୋଇଥିଲା। ମୃତ ଶିଶୁର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ବୁଲା କୁକୁର ଉତ୍ପାତ ରୋକିବାକୁ ପଦକ୍ଷେପ, ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଂଗ ନେଇ ୨୦୧୬ରେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। କୁକୁର କାମୁଡ଼ାରେ ପ୍ରାଣ ହରାଇଥିବା ଶିଶୁର ବାପା ହୃଦାନନ୍ଦ ରାଉତ ଓ ମା କାଜଲ୍ ରାଉତଙ୍କୁ ମାମଲାରେ ପକ୍ଷଭୁକ୍ତ କରିବା ପାଇଁ ୨୦୨୩, ମାର୍ଚ୍ଚ ୯ରେ ହାଇକୋର୍ଟ ଅନୁମତି ଦେଇଥିଲେ। ଆବେଦନକାରୀ ବିଭୂତି ଚରଣ ମହାନ୍ତିଙ୍କ ତରଫରୁ ଆଇନଜୀବୀ ରାଜକିଶୋର ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।

## କମ୍ ବୟସରେ ମାତୃତ୍ୱ ଓ ତା'ର ପରିଣତି

କିଶୋରୀଟିଏ ୧୮ ବର୍ଷ ବୟସର ହେଲେ ପ୍ରାପ୍ତବୟସ୍କା ହୁଏ । ତାକୁ ଯୁବତୀ କୁହାଯାଏ । କିନ୍ତୁ ଏହି ବୟସଠାରୁ କମ୍ ବୟସର କିଶୋରୀ ହେଲେ ନାବାଳିକା । ନାବାଳିକାମାନଙ୍କ ପକ୍ଷେ ଗର୍ଭଧାରଣ ଓ ପ୍ରସବ ନାନା କାରଣରୁ ଅନୁପଯୁକ୍ତ । ଏଣୁ ସେଥିଲାଗି ବାରଣ ରହିଛି । ତା'ଛଡ଼ା ୧୮ ବର୍ଷରୁ କମ୍ ବୟସର ଝିଅଙ୍କୁ ବିବାହ ଦେବା ଲାଗି ଆଇନରେ ବାରଣ ଅଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଆମ ଦେଶର ଗାଁ' ଗହଳରେ ୧୮ ବର୍ଷ ନ ପୂରୁଣୁ କେତେକ ପରିବାର ଝିଅକୁ ବିବାହ ଦେଇଥାଆନ୍ତି । ଫଳରେ ସେହି କିଶୋରୀ ଝିଅଟି କମ୍ ବୟସରେ ମାତୃତ୍ୱର ବୋଝ ଉଠାଇଥାଏ ଓ ଏହାର ବହୁ ବିଷମୟ ପରିଣତି ସେ ଭୋଗିଥାଏ । ଅଧିକାଂଶ ବାପା ମା' ଭୁଲି ଯାଇଥାନ୍ତି ଯେ ଝିଅଟିଏ ଭବିଷ୍ୟତରେ ପରିବାର ଗଢ଼େ । ସୁସ୍ଥ ପରିବାର ପାଇଁ ଶିକ୍ଷା ନିତାନ୍ତ ଜରୁରୀ । ଅଥଚ କମ୍ ବୟସରେ ମା' ହେଉଥିବା ଝିଅଟି ପକ୍ଷେ ପାଠପଢ଼ା ବିପର୍ଯ୍ୟସ୍ତ ହୋଇଥାଏ । ଉପଯୁକ୍ତ ପାଠପଢ଼ାରୁ ବଞ୍ଚିତ ହୋଇ ଦିଗହରା ହୋଇଥାଏ । ସାମାଜିକ ସ୍ତରରେ ଲିଙ୍ଗଭେଦର ପ୍ରାଧାନ୍ୟ ହେତୁ କିଶୋରୀ କନ୍ୟା କେବଳ ଶିକ୍ଷା ନୁହେଁ ଅନ୍ୟାନ୍ୟ ଦିଗ ଯଥା: ଉପଯୁକ୍ତ ସୁଷମ ଖାଦ୍ୟ, ପୋଷାକ, ସ୍ୱାସ୍ଥ୍ୟଯତ୍ନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଯତ୍ନରୁ ବଂଚିତ ହୋଇଥାଏ । ଏସବୁ ମଧ୍ୟରେ କମ୍ ବୟସରେ ମା' ହେବା ତା' ପାଇଁ ଏ ପ୍ରକାର ଅଭିଶାପରେ ପରିଣତ ହୋଇଥାଏ ।

କମ୍ ବୟସରେ ମାତୃତ୍ୱ ପଛରେ କି କି କାରଣ ରହିଛି । ସମାଜତତ୍ତ୍ୱମାନେ କହନ୍ତି, ନିରପକ୍ଷତା ହେଉଛି ଏହାର ପ୍ରମୁଖ କାରଣ । ଏହା ପଛକୁ କିଶୋରୀମାନଙ୍କ କିଶୋରଙ୍କ ସହ ଅବାଧ ମିଳାମିଶା, ଅବୈଧ ଗର୍ଭଧାରଣ, ପିତାମାତାଙ୍କ ତତ୍ତ୍ୱାବଧାନ ଓ ଯତ୍ନର ଅଭାବ, ନୈତିକ ଓ ସଂଯମତା ଆଚରଣ ତଥା ଶିକ୍ଷାଦାନରେ ଅବହେଳା, ଉପଯୁକ୍ତ ଯୌନଶିକ୍ଷାର ଅଭାବ, କିଶୋରୀ କନ୍ୟା ପ୍ରତି ବିଭିନ୍ନ ସ୍ତରରେ ଉପେକ୍ଷା ଓ ଅବହେଳା, ବଳପୂର୍ବକ ବା ଅନିଚ୍ଛାକୃତ ବିବାହ ଇତ୍ୟାଦି । କିଶୋରୀ କନ୍ୟାଟି, ଯଦି ଅବୈଧ ଭାବେ ଗର୍ଭଧାରଣ କରିଥାଏ ତେବେ ଭୀଷଣ ମାନସିକ ଅସନ୍ତୁଳନା ଭୋଗିଥାଏ । ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ପଛଘୁଞ୍ଚା ଦିଏ ଅବା ବିଳମ୍ବ କରିଥାଏ । ଗର୍ଭ ନଷ୍ଟ କରିବ କି ନାହିଁ ସିଦ୍ଧାନ୍ତ ନେବାରେ ବିଳମ୍ବ କରିଥାଏ । ଆଇନ ଅନୁମୋଦିତ ଏମ.ଟି.ପି. କେନ୍ଦ୍ରକୁ ନ ଯାଇ ସେ ଗାଁ' ଗହଳରେ ପ୍ରାଧାନ୍ୟ ବିସ୍ତାର କରିଥିବା ଅଣତାଲିମପ୍ରାପ୍ତ କ୍ୱାକ୍ ବା ଧାଇମାନଙ୍କଠାରୁ ତୁଟୁକା ଔଷଧ ବା ଚେରମୂଳି ସେବନ କରି ଗର୍ଭପାତ ପ୍ରକ୍ରିୟାକୁ ବିଷାକ୍ତ କରିଥାଏ । ଏପରି ବିଷାକ୍ତ ଗର୍ଭପାତ ବା ସେପ୍‌ଟିକ୍ ଆବରସପନର ଶିକାର ହୋଇ ଗାଁ' ଗହଳର ଅନେକ ଝିଅ ଅକାଳ ମୃତ୍ୟୁମୁଖରେ ପଡ଼ିଥାନ୍ତି ଅଥବା ଗର୍ଭପାତ ପରେ ଜଟିଳ ଶାରୀରିକ ଅସୁସ୍ଥତାର ସମ୍ମୁଖୀନ ହୋଇଥାଆନ୍ତି । କେତେକ ଏପରି ଗର୍ଭପାତ ହେତୁ ଭବିଷ୍ୟତରେ ବନ୍ଧ୍ୟାତ୍ୱ ଭୋଗନ୍ତି ଅବା ସେମାନଙ୍କର ବାରମ୍ବାର ଗର୍ଭପାତ ହୁଏ ଅଥବା ଅପରିପକ୍ୱ ଶିଶୁ ଜନ୍ମ ହୁଏ । ଏହାଛଡ଼ା ଏକ ଅନୁଧାନରୁ ଜଣାଯାଇଛି ଯେ ଗର୍ଭନଷ୍ଟ କରିଥିବା ଶତକଡ଼ା ୮୦ ଭାଗ କିଶୋରୀ ଗଭୀର ମନସ୍ତାପ, ମାନସିକ ଅସ୍ଥିରତା, ଉଦ୍‌ବେଳନ, ଦୁଃଶ୍ଚିନ୍ତା । ଗର୍ଭନଷ୍ଟ ପୂର୍ବରୁ ଓ ପରେ ଭୋଗିଥାନ୍ତି । ଏହାଛଡ଼ା ଅବୈଧ ଗର୍ଭଧାରଣ ସମ୍ପର୍କରେ ପାଖ-ପଡ଼ୋଶୀ ଜାଣିବା ପରେ ସାମାଜିକ ଅପବାଦର ଭୟ, ଲାଞ୍ଛନା ସର୍ବଦା ଥାଏ । କେତେକ ମଧ୍ୟ ଏହି ଅପବାଦ କାରଣରୁ ଆତ୍ମହତ୍ୟା ଭଳି ଭୀରୁ ପଦକ୍ଷେପ ଗ୍ରହଣ କରିବାକୁ କୁଣ୍ଠିତ ହୋଇନଥାନ୍ତି । ଏହାଦ୍ୱାରା ପାରିବାରିକ ତଥା ସାମାଜିକ ସ୍ତରରେ ଅନେକ ବିସଙ୍ଗତି ସୃଷ୍ଟି ହୋଇଥାଏ । ଅଳ୍ପ ବୟସର ଝିଅଙ୍କୁ ବିବାହ ଦେବା ଦ୍ୱାରା ମଧ୍ୟ ସମସ୍ୟା ଉପୁଜିଥାଏ । କାରଣ ଗାଁ ଗହଳର ଅଧିକାଂଶ କିଶୋରୀ ନିଜ ସ୍ୱାସ୍ଥ୍ୟର ଯତ୍ନ ଠିକ୍ ଭାବରେ ନେଇନଥାନ୍ତି । ଦାରିଦ୍ର୍ୟ, ଅନଗ୍ରସରତା, ନିରକ୍ଷରତା, ଅନଟନ, ସୁଷମ ଖାଦ୍ୟର ଅଭାବରେ ଅନେକ କିଶୋରୀଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ଥାଏ । ଯେତେବେଳେ ଏପରି ଅଳ୍ପ ବୟସର ଝିଅ ଗର୍ଭଧାରଣ କରେ ସେତେବେଳେ ସେ ଗର୍ଭାବସ୍ଥାରେ ରକ୍ତହୀନତା ଭୋଗିଥାଏ । ଏଣୁ ଗର୍ଭସ୍ଥ ଭ୍ରୁଣର ବିକାଶ ଠିକ୍ ରୂପେ ହୋଇପାରି ନଥାଏ । ପ୍ରାପ୍ତବୟସ୍କା ହୋଇନଥିବା କାରଣରୁ ତା'ର ବସ୍ତିଦେଶର ଅସ୍ଥିର ଉପଯୁକ୍ତ ବିକାଶ ହୋଇନଥାଏ । ଫଳରେ ପ୍ରସବ ବେଳେ ଜଟିଳତା ଉପୁଜିଥାଏ । ଏହାଛଡ଼ା ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ, ହୃଦ୍‌ରୋଗ, ବୃକକ୍ ରୋଗ ଜଟିଳତାକୁ ଅଧିକ ଗମ୍ଭୀର କରିଥାଏ । କେତେକଙ୍କ କ୍ଷେତ୍ରରେ ସ୍ୱାଭାବିକ ହୋଇପାରେ ନାହିଁ । ଏଣୁ ସିଜରିଆନ ଅସ୍ତ୍ରୋପଚାର ଦରକାର ପଡ଼ିଥାଏ । ଅଧିକାଂଶ କ୍ଷେତ୍ରରେ ଅପରିକ୍ୱ ଶିଶୁ ପ୍ରସବ ହୋଇଥାଏ । ସର୍ବୋପରି ଅଳ୍ପ ବୟସର ଝିଅ କ୍ଷେତ୍ରରେ ମାନସିକତା ପରିପକ୍ୱତା ନ ଥିବା କାରଣରୁ ଅସ୍ଥିରତା, ଉଦ୍‌ବେଗ, ଦୁଃଶ୍ଚିନ୍ତାକୁ ଠିକ୍ ଭାବରେ ମୁକାବିଲା କରିପାରି ନଥାଏ । ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞମାନେ କହନ୍ତି; ଅଳ୍ପ ବୟସରେ ଗର୍ଭଧାରଣ ଦ୍ୱାରା ଅନେକ ପ୍ରକାର ଜଟିଳତା ରହିଛି । ସବୁଠାରୁ ଉଦ୍‌ବେଗଜନକ ହେଉଛି ଅପରିପକ୍ୱ ଶିଶୁ ପ୍ରସବ । ଏ କ୍ଷେତ୍ରରେ ଶିଶୁର ମୃତ୍ୟୁହାର ଅଧିକ ଥାଏ । ଏହାଛଡ଼ା ଏପରି କିଶୋରୀ ମା'ର ମୃତ୍ୟୁ ଆଶଙ୍କା ମଧ୍ୟ ଅଧିକ ଥାଏ ।



## କଣ ସୁନା ଦାନ୍ତ ପ୍ରକୃତରେ ସମ୍ପୂର୍ଣ୍ଣ ସୁନା ? ଏହାର ମୂଲ୍ୟ କେତେ ? ଜାଣନ୍ତୁ ପୂରା ତଥ୍ୟ...

**ଅନେକ ଲୋକ କଥା କଥାରେ କହିଥାନ୍ତି ଦାନ୍ତ ଭାଙ୍ଗିଲେ ସୁନା ଦାନ୍ତ ଲଗାଇବା ।କଣ ସତରେ ଏତେ ସହଜ ସୁନା ଦାନ୍ତ ଲଗାଇବା । କଣ ଏହି ସୁନା ଦାନ୍ତ ପ୍ରକୃତରେ ସମ୍ପୂର୍ଣ୍ଣ ସୁନାର ହୋଇଥାଏ ? ଏହାର ଦାମ୍ କେତେ ? ଆସନ୍ତୁ ଜାଣିବା...**



ସୁନା ଦାନ୍ତରେ ସୁନା ସହ ଅନେକ ଅଲଗା ଅଲଗା ଧାତୁ ବ୍ୟବହାର କରାଯାଏ । ସୁନା ଦାନ୍ତରେ ୫୦ ପ୍ରତିଶତରୁ କମ୍ ସୁନା ବ୍ୟବହାର କରାଯାଏ । ଅନେକ ସମୟରେ ୨୫ ପ୍ରତିଶତରୁ କମ୍ ସୁନାର ବ୍ୟବହାର ମଧ୍ୟ କରାଯାଏ । ଏହା ମଧ୍ୟ ଅନେକ ପ୍ରକାରର ଅଛି । ବିଶେଷଜ୍ଞଙ୍କ ଅନୁସାରେ ଶୁଦ୍ଧ ସୁନା ଅନ୍ୟ ଧାତୁ ତୁଳନାରେ ଅଧିକ ନରମ ହୋଇଥାଏ । ତେଣୁ ଦାନ୍ତ ଭାବେ ବ୍ୟବହାର କରାଯାଇପାରିନଥାଏ । ସୁନା ରାସାୟନିକ ଭାବରେ ନିଷ୍କ୍ରିୟ ହୋଇଥାଏ । ଅନ୍ୟ ଧାତୁ ପରି ସୁନା ଅକ୍ସିଡାଇଜ୍ ହୁଏ ନାହିଁ । ତେଣୁ ଏହାକୁ ବ୍ୟବହାର କରିବା ପାଟି ପାଇଁ ଭଲ ହୋଇଥାଏ । ସୁନା ଦାନ୍ତ ସହଜରେ ଭାଙ୍ଗେନି । ଏହା ବହୁତ ଶକ୍ତ ହୋଇଥାଏ । ନିୟମିତ ବ୍ୟବହାର କଲେ ମଧ୍ୟ ଏହା ୫୦ ବର୍ଷରୁ ଅଧିକ ଦିନ ଯାଏଁ ଭଲ ରହିଥାଏ । ତେବେ ସୁନା ଦାନ୍ତର ମୂଲ୍ୟ ମଧ୍ୟ ସୁନା ମୂଲ୍ୟ ଅନୁଯାୟୀ ବଦଳିଥାଏ । ଏକ ରିପୋର୍ଟ ଅନୁଯାୟୀ, ସୁନା ଦାନ୍ତର ମୂଲ୍ୟ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।

## ଫୁଡ଼ ଆଲର୍ଜି ହେଉଥିଲେ...



ଖାଦ୍ୟ କେବଳ ପେଟ ପୂରିବା ପାଇଁ ନାହିଁ ବରଂ ଏଥିରୁ ମିଳୁଥିବା ପୌଷ୍ଟିକତା ଆମ ଶରୀରରେ ପ୍ରତିରକ୍ଷା ତନ୍ତ୍ରକୁ ମଜଭୁତ କରିଥାଏ । କିନ୍ତୁ କିଛି ଖାଦ୍ୟ ଅନେକ ସମୟରେ ଆମ ପ୍ରତିରକ୍ଷା ତନ୍ତ୍ରରେ ସମସ୍ୟା ସୃଷ୍ଟି କରିଥାଏ ଯାହାକୁ ଫୁଡ଼ ଆଲର୍ଜି କୁହାଯାଏ । ସାଧାରଣତଃ ଫୁଡ଼ ଆଲର୍ଜି ହେବା ପିଲାଦିନରୁ ହିଁ ଜଣାଯାଇଥାଏ । ତେଣୁ ସେମାନଙ୍କ ପାଇଁ ଅନେକ ଖାଦ୍ୟ ଖାଇବାରେ ବାରଣ ରହିଥାଏ । ଏହାବ୍ୟତୀତ ସଂକ୍ରମଣ ଖାଦ୍ୟ ଖାଇଲେ ଏବଂ କିଛି ଲୋକଙ୍କର କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟକୁ ନେଇ ମଧ୍ୟ ଫୁଡ଼ ଆଲର୍ଜି ଦେଖାଦିଏ । ଫୁଡ଼ ଆଲର୍ଜିକୁ ଛୋଟକଥା ଭାବି ଅବହେଳା କରିବା ଅନୁଚିତ । କାରଣ ଏହି ରୋଗରୁ ଭବିଷ୍ୟତରେ ଆଜମା ଓ ଏକଜିମା ଭଳି ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ଫୁଡ଼ ଆଲର୍ଜି ହେବା ଆରମ୍ଭ ହେଲେ ତାହାକୁ ତୁରନ୍ତ ଚିକିତ୍ସକଙ୍କୁ ଦେଖାନ୍ତୁ । କେଉଁ ଖାଦ୍ୟରୁ ଏହା ସୃଷ୍ଟି ହୋଇଥାଏ ସେହି ଖାଦ୍ୟରୁ ନିଜକୁ ଦୂରେଇ ରଖନ୍ତୁ । ଅତି କମରେ ଆଲର୍ଜି କମିବା ପର୍ଯ୍ୟନ୍ତ ତାହା ବାରଣ କରନ୍ତୁ । ତେଣୁ ଘରେ ଏବଂ ବାହାରେ ଏହି ଖାଦ୍ୟ ଖାଇବାରୁ ନିଜକୁ ସତର୍କ ରହିବା ଉଚିତ୍ ।

- ଯେଉଁମାନେ ଫୁଡ଼ ଆଲର୍ଜିର ଶିକାର ହେଉଛନ୍ତି, ସେମାନେ ପ୍ରତିଦିନ ସେଓ ସହିତ ଆଳୁଏବଂ ପିଆଜ ଖାଇବା ଉଚିତ । ସେଓରେ ପ୍ରଚୁର ପରିମାଣରେ କ୍ୟୁର୍ସଟିନ ଭରି ରହିଛି, ଯାହା ଆଲର୍ଜି ପ୍ରଭାବ କମାଇବାରେ ସହାୟକ ହୋଇଥାଏ ।

- ଦୁଇ ଗିନା ଡାଲିକୁ କମଳା ସହିତ ଖାଇବା ଦ୍ୱାରା ଆଲର୍ଜି କମିଥାଏ । ଡାଲିରେ ଅଧିକ ପରିମାଣରେ ଆୟୋଡ଼ିନ, ପ୍ରୋଟିନ ଏବଂ ଫଲିକ ଏସିଡ଼ ରହିଛି, ଯାହା ଫୁଡ଼ ଆଲର୍ଜି କମାଇବାରେ ସହାୟକ ହୋଇଥାଏ ।






- ମିଠା ଅଙ୍ଗୁର ମଧ୍ୟ ଆଲର୍ଜି ଦୂର କରିବା ପାଇଁ ଫଳପ୍ରଦ ।

## କର୍ମଜୀବୀଙ୍କ ହୃଦ୍‌ରୋଗ ସମସ୍ୟାର ସମାଧାନ ବାହାର କଲେ ବୈଜ୍ଞାନିକ- 'ଅଫିସ୍ ପରିବେଶ ଭଲ ରହିଲେ ସୁସ୍ଥ ରହିବ ହୃତ୍‌ପିଣ୍ଡ'






ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଭାରତରେ ୨୫ ଲକ୍ଷରୁ ଅଧିକ ମୃତ୍ୟୁ ହୃଦ୍‌ରୋଗ ଯୋଗୁ ହୋଇଛି । ବିବାହ, ସାଂସ୍କୃତିକ କାର୍ଯ୍ୟକ୍ରମ, ଜିମ୍ ଆଦିରେ ଲୋକେ ହୃଦ୍‌ଘାତର ଶିକାର ହେଉଥିବା ମାମଲା ଆଜିକାଲି ପ୍ରତିଦିନ ସାମ୍ନାକୁ ଆସୁଛି । ଚିନ୍ତାର ବିଷୟ ହେଉଛି, ଆଜିକାଲି ପିଲାଙ୍କଠୁ ଆରମ୍ଭ କରି ୧୮ ବର୍ଷୀୟ ଯୁବା ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଉଛନ୍ତି । ଏକ ଆମେରିକୀୟ ଅଧ୍ୟୟନ ଅନୁସାରେ, ଭାରତରେ ୪୦ ପ୍ରତିଶତ ହୃଦ୍‌ଘାତ ରୋଗୀଙ୍କ ବୟସ ୪୦ ବର୍ଷରୁ କମ୍ । ଯେକୌଣସି ବୟସ, ଲିଙ୍ଗ ଓ ବର୍ଗର ଲୋକ ଏବେ ହୃଦ୍‌ରୋଗର ଶିକାର ହେଉଛନ୍ତି । ବେପରୁଆ ଜୀବନଶୈଳୀ, ନିଶା ଅଭ୍ୟାସ, ହୃତ୍‌ପିଣ୍ଡ ଓ ମସ୍ତିଷ୍କ ଉପରେ ବଢୁଥିବା ଚାପ ଏହାର ପ୍ରମୁଖ କାରଣ ବୋଲି ବିଶେଷଜ୍ଞଙ୍କ ମତ । ଏବେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ବାହାର କରିଛନ୍ତି । ଖାସ୍‌କରି କର୍ମଜୀବୀଙ୍କ ପାଇଁ । ଅଧ୍ୟୟନ ଅନୁସାରେ, ସକାଳ ୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ଲୋକଙ୍କ ହୃତ୍‌ପିଣ୍ଡ ସେମାନଙ୍କ ବୟସ ତୁଳନାରେ ୧୦ ବର୍ଷ ପର୍ଯ୍ୟନ୍ତ ଯୁବା ରହିପାରେ । ହାର୍ଭାର୍ଡ ଓ ପେନ୍ ବିଶ୍ୱବିଦ୍ୟାଳୟ ବ୍ରିଟେନର ୧୦୦୦ କର୍ମଜୀବୀଙ୍କ ଉପରେ ମିଳିତ ଅଧ୍ୟୟନ କରିଥିଲେ । କର୍ମଜୀବୀଙ୍କ କର୍ମସଂସ୍ଥାନର ପରିବେଶ ଓ ସେମାନଙ୍କ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ଉପରେ ଅଧ୍ୟୟନଟି ଫୋକସ୍ କରିଥିଲା । ଯେଉଁ କର୍ମଚାରୀଙ୍କ ଅଫିସ୍ ପରିବେଶ ଆନନ୍ଦମୟ ଓ ସକାରାତ୍ମକ ଥିଲା, ସେମାନଙ୍କ ହୃତ୍‌ପିଣ୍ଡ ସୁସ୍ଥ ଥିଲା । ଉତ୍ତମ କର୍ମସଂସ୍ଥାନରେ କାମ କରୁଥିବା ଲୋକଙ୍କ ହୃତ୍‌ପିଣ୍ଡ ସେମାନଙ୍କ ବୟସ ତୁଳନାରେ ୫.୩ଠୁ ୧୦ ବର୍ଷ ପର୍ଯ୍ୟନ୍ତ ଯୁବା ରହୁଥିବା ଜଣାପଡ଼ିଲା । ସେତିକି ନୁହେଁ, ହୃଦ୍‌ରୋଗୀଙ୍କୁ ଅଫିସ୍‌ରେ ଉତ୍ତମ ପରିବେଶ ପ୍ରଦାନ କରାଯିବା ପରେ ସେମାନଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଦେଖିବାକୁ ମିଳିଲା । ୪୫ରୁ ଅଧିକ ବୟସ୍କ କର୍ମଚାରୀଙ୍କ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ସେମାନଙ୍କ କାମ ପରିବେଶ ସହିତ ଉଚ୍ଚ-ନୀଚ ହେଉଥିବା ଦେଖାଗଲା । ହାର୍ଭାର୍ଡ ଅନୁସନ୍ଧାନକାରୀ ଲିସା ବର୍କମ୍ୟାନ୍ କହନ୍ତି, କାମର ପରିବେଶ ଓ ପରିବାର ସହ ତା'ର ସାମଞ୍ଜସ୍ୟ ଉତ୍ତମ ରହିଲେ ଲୋକଙ୍କ ହୃଦ୍ ସମସ୍ୟାର ଆଶଙ୍କା ଖୁବ୍ କମିଯାଏ । ସୁସ୍ଥ ହୃତ୍‌ପିଣ୍ଡ ପାଇଁ ଉତ୍ତମ ଜୀବନଶୈଳୀ ଓ ବ୍ୟାୟାମ ସହିତ ସ୍ୱାସ୍ଥ୍ୟକର କର୍ମସ୍ଥଳୀର ସମ୍ପର୍କ ମଧ୍ୟ ଜରୁରୀ । ଅନୁସନ୍ଧାନକାରୀଙ୍କ ଅନୁସାରେ, ଯଦି ଅଫିସ୍ ଯୋଗୁ ପରିବାର ଓ ପରିବାର ଯୋଗୁ ଅଫିସ୍‌ରେ ବାଧା ଉପୁଜେ ନାହିଁ ଏବଂ କାମରୁ ଛୁଟି ନେବା ସହଜ ହୁଏ, ତାକୁ ଆନନ୍ଦମୟ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ କର୍ମସ୍ଥଳୀ କୁହାଯାଏ । ଅଧ୍ୟୟନରେ ଅଫିସ୍ ଓ ଉତ୍ପାଦକତା ଉପରେ କର୍ମସ୍ଥଳୀ ସଂସ୍କୃତିର ପ୍ରଭାବ ମଧ୍ୟ ଯାଞ୍ଚ କରାଯାଇଥିଲା । ସାଧାରଣତଃ ଧାରଣା ଥାଏ ଯେ ଅଫିସ୍ ପରିବେଶ ଯଦି ଆନନ୍ଦପୂର୍ଣ୍ଣ ଓ ସକାରାତ୍ମକ ଥାଏ, ତେବେ ଅନୁଶାସନର ଅଭାବ ଯୋଗୁ ଉତ୍ପାଦକତା ହ୍ରାସ ପାଇବାକୁ ଲାଗେ । କିନ୍ତୁ ସଦ୍ୟ ଅଧ୍ୟୟନ ଏହାକୁ ଭୁଲ ପ୍ରମାଣିତ କରିଛି । ଆନନ୍ଦପୂର୍ଣ୍ଣ ପରିବେଶ ଥିବା କର୍ମସ୍ଥଳୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମେତ କମ୍ପାନିର ଉତ୍ପାଦକତା ବଢ଼ାଇବାରେ ସହାୟକ ଅଟେ ବୋଲି ସ୍ପଷ୍ଟ କରିଛି ।

## ନିଦ କମିଗଲେ ମସ୍ତିଷ୍କ ମାନ୍ଦା

ଗୋଟିଏ ରାତି ଯଦି ଆପଣଙ୍କୁ ଭଲ ନିଦ ନହୁଏ ତେବେ ତାହା ମସ୍ତିଷ୍କରେ ପ୍ରଭାବ ପକାଏ । ଏମିତିକା ଅବସ୍ଥା ବହୁଦିନ ଲାଗି ରହିଲେ ମସ୍ତିଷ୍କର କାର୍ଯ୍ୟଦକ୍ଷତା କମିଯାଏ ବୋଲି ଜର୍ଣ୍ଣାଲ ସ୍ଲିପରେ ପ୍ରକାଶ ପାଇଛି । ଅଠର ଜଣ ସୁସ୍ଥ ଯୁବକଙ୍କୁ ରାତିରେ ପୂରା ଆଠ ଘଣ୍ଟା ଶୋଇବାକୁ ଦିଆଯାଇଥିଲା ଓ ତାପରେ ଦିନ ରାତିରେ ସେମାନଙ୍କୁ କୌଣସି କାରଣରୁ କମ୍ ସମୟ ଶୋଇବାକୁ ଦେବାପରେ ଦେଖାଯାଇଥିଲା ସେମାନଙ୍କ ରକ୍ତରେ ଦୁଇଟି ବ୍ରେନ ମଲିକ୍ୟୁଲ ବୃଦ୍ଧି ପାଇଛି । ଏହି ଦୁଇଟି ହେଲା- ନ୍ୟୁରୋନ ସ୍ପେଶିଫିକ୍ ଏନୋଲେସ (ଏନଏସଇ) ଏବଂ ଏସ୍-୧୦୦ କ୍ୟାଲସିୟମ ବାଇଣ୍ଡିଂ ପ୍ରୋଟିନ ବି (ଏସ-୧୦୦ ବି) । ଏହା ରକ୍ତରେ ୨୦ ପ୍ରତିଶତ ବୃଦ୍ଧି ହୋଇଥିଲା । ଯାହା ମସ୍ତିଷ୍କର ତନ୍ତୁକୁ ନଷ୍ଟ କରିଥାଏ । ଏହା ମଧ୍ୟ ରକ୍ତ ଓ ମସ୍ତିଷ୍କ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରେ ।

## ଟିକେ ଟିକେ କଥାରେ ରାଗୁଛନ୍ତି କି ? ଶରୀରରେ ହୋଇଥାଇପାରେ ଏହାର ଅଭାବ...




ହସିବା, କାନ୍ଦିବା କି ରାଗିବା ଏହା ଆମ ଭାବନା ଉପରେ ନିର୍ଭର କରେ । ପରିସ୍ଥିତି ଅନୁଯାୟୀ ଏହା ବଦଳେ । କିନ୍ତୁ ଏହା ପଛରେ ମଧ ରହିଥାଏ ହରମୋନାଲ କାରଣ । କୌଣସି କଥା ଖରାପ ଲାଗିବା ପରେ ରାଗିବା ସ୍ୱାଭବିକ । କିନ୍ତୁ ଯଦି ବାରମ୍ବାର ରାଗ ଆସୁଛି ତେବେ ଆପଣଙ୍କ ଶରୀର ମଧ୍ୟରେ କିଛି ଅଭାବ ରହିଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ରହିଥାଏ ସେରୋଟୋନିନ୍ ନାମକ ଏକ ହରମୋନ୍ । ଯାହା ମସ୍ତିଷ୍କକୁ ଶାନ୍ତ ରଖି ଖୁସି ଅନୁଭବ କରାଇଥାଏ । କିନ୍ତୁ ଶରୀରରେ ଏହାର ଅଭାବ ଯୋଗୁଁ ଦେଖାଯାଏ ଖରାପ ମୁଡ୍ର ସମସ୍ୟା । ଶରୀରରେ ସେରୋଟୋନିନ୍ ବୃଦ୍ଧି କରିବାକୁ, ଦୈନିକ ବ୍ୟାୟାମ, ମେଡିଟେସନ୍ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଏହାବ୍ୟତୀତ ଲାଇଟ୍ ଗୀତ ଶୁଣନ୍ତୁ, କିଛି ଥଟ୍ଟାମଜା କରନ୍ତୁ, ନିଜ ପସନ୍ଦର କାମ କରନ୍ତୁ । ରାଗ କାରଣରୁ ମାନସିକ ସହ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୁଏ । ଏଥିଯୋଗୁଁ ଷ୍ଟ୍ରେସ୍ ବଢିଥାଏ । ଆଉ ନିଦ ହେବାରେ ଦେଖାଦେଇଥାଏ ସମସ୍ୟା । ସେରୋଟୋନିନ୍ ବ୍ୟତୀତ, ଅକ୍ସିଟୋସିନ୍, ଏଣ୍ଡୋରଫିନ୍ ହରମୋନ୍ ମଧ୍ୟ ଖୁସିରେ ରହିବାରେ କରିଥାନ୍ତି ସାହାଯ୍ୟ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆମ୍ବେଦକରଙ୍କ ଜାତି ମୁକ୍ତ ରାଷ୍ଟ୍ରର ସ୍ୱପ୍ନ



### ଗୋପାଳ ମହାପାତ୍ର

ଏଇ ନିକଟରେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ସରିଯାଇଛି । ନିର୍ବାଚନ ବେଳେ କଂଗ୍ରେସ ଜାତି ଜନଗଣନାକୁ ପ୍ରମୁଖ ପ୍ରସଙ୍ଗ କରିଥିଲା । ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାରରେ ଜାତି ଜନଗଣନା କରାଇଥିଲେ ଓ ସେ ବାବଦରେ ରିପୋର୍ଟ ମଧ ପ୍ରକାଶ କରିଥିଲେ । ନୀତିଶଙ୍କ ଜାତି ଜନଗଣନା ପରେ ଏହା ଜାତୀୟ ରାଜନୀତିରେ ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳମାନେ ଏହାକୁ ଏକ ବଡ ରାଜନୈତିକ ଅସ୍ତ୍ର ବୋଲି ଭାବିନେଇଥିଲେ । ଦେଶ ସ୍ୱାଧୀନ ହେବା ପରଠାରୁ ନିର୍ବାଚନରେ ଜାତି ସମୀକରଣର ଅଧାରରେ ପ୍ରାର୍ଥୀ ଚୟନ କରାଯାଉଥିଲା। ଦେଶରେ ଜାତିଗତ ସଂରକ୍ଷଣ ବ୍ୟବସ୍ଥା ମଧ ରହିଛି । କିନ୍ତୁ ଏହି ଜାତି ପ୍ରସଙ୍ଗକୁ ନେଇ ଦେଶରେ ଅନେକ ଅବ୍ୟବସ୍ଥା ମାରପିଟ ଏପରିକି ହିଂସାକାଣ୍ଡ ଘଟୁଥିଲେ ମଧ ଏବେ କୌଣସି ରାଜନୈତିକ ଦଳ ଜାତିବାଦ ମୁକ୍ତ ସମାଜ ସ୍ଥାପନ ଦିଗରେ ମୁହଁ ଖୋଲିବା ପାଇଁ ସାହାସ କରୁନାହାନ୍ତି । ଏଇ କିଛି ଦିନ ତଳେ କୃତଜ୍ଞ ରାଷ୍ଟ୍ର ସମ୍ବିଧାନ ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପୂଣ୍ୟ ତିଥିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ବେଳେ ଆମେ କେବେ ଭାବିଛେ କି ତାଙ୍କର ସ୍ୱପ୍ନ କ'ଣ ଥିଲା ? ଆମ୍ବେଦକର ଜାତିବାଦ ମୁକ୍ତ ରାଷ୍ଟ୍ରର ସ୍ଥାପନା କଥା ଚାହୁଁଥିଲେ । ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୨୨.୫ ପ୍ରତିଶତ ସଂରକ୍ଷଣର ପ୍ରାବଧାନ କରାଯାଇଥିଲା ହେଲେ ତାହା ୧୦ ବର୍ଷ ପାଇଁ ଉଦିଷ୍ଟ ଥିଲା । ଏନିହିଲିସନ ଅଫ କାଷ୍ଟ (ଜାତିର ବିନାଶ) ପୁସ୍ତକରେ ଆମ୍ବେଦକର ତାଙ୍କର ଜାତିବାଦ ମୁକ୍ତ ରାଷ୍ଟ୍ର ତାଙ୍କର ସ୍ୱପ୍ନ ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କ ଲିଖିତ 'ଶୂଦ୍ର କୌନ୍ ହେ' ପୁସ୍ତକରେ ଶୂଦ୍ରଙ୍କ ଜାତି ଓ ସେମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖାଯିବା, ଆର୍ଯ୍ୟ ଅନାର୍ଯ୍ୟର ଅବଧାରଣା ଏବଂ ମୂଳନୀବାସୀ ଭଳି ଅବଧାରଣାକୁ ବିରୋଧ କରିଛନ୍ତି । ଆମ୍ବେଦକରଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ବିଚାରକୁ ଏବେ କିନ୍ତୁ ଅଣଦେଖା କରାଯାଉଛି । ତାଙ୍କ ଅନୁଗାମୀ ବା ଆମ୍ବେଦକରଙ୍କ ବିଚାରଧାରାରେ ଅନୁପ୍ରାଣିତ ବୋଲି କହୁଥିବା ଲୋକେ ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ କ'ଣ କରିଛନ୍ତି ? ସ୍ୱାଧୀନତାର ୭୬ ବର୍ଷ ପରେ କ'ଣ ଦେଶରୁ ଜାତିବାଦ ଲୋପ ପାଇଛି ? କ'ଣ ସମାଜରେ ସମାନତା ଆସିଛି ? ସଂରକ୍ଷଣ ଯେଉଁ କାରଣ ପାଇଁ ଦିଆଯାଇଥିଲା ସେ ଲକ୍ଷ କ'ଣ ହାସଲ ହୋଇପାରିଛି ? ଯଦି ଏ କଥା ସବୁ ହୋଇ ପାରିନି ତେବେ ଆମ୍ବେଦକରଙ୍କ ନାଁ ନେଇ ରାଜନୀତି କରିବା ପାଇଁ କାହାରି ହକ୍ ନାହିଁ । ସମ୍ବିଧାନର ମୂଲ୍ୟକୁ ଠିକ ଭାବେ ଲାଗୁ କରାଯାଇପାରିଲେ, ତାଙ୍କ ସ୍ୱପ୍ନର ଜାତିମୁକ୍ତ ସମାଜର ସ୍ଥାପନା ହୋଇପାରିବ ଏବଂ ଜାତିବିହୀନ ରାଜନୀତି ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

ଆମେ ବିକଶିତ ଭାରତ କଥା କହୁଛେ । କିନ୍ତୁ ଆମ୍ବେଦକରଙ୍କ ସ୍ୱପ୍ନର ଭାରତ ନିର୍ମାଣ ପାଇଁ ଅନେକ କିଛି କରିବାପାଇଁ ବାକି ରହିଛି । ଇଂଲଣ୍ଡରୁ ଫେରିବା ପରେ ଆମ୍ବେଦକର ଛୁଆଁ ଅଛୁଆଁ ଭେଦଭାବ ଦେଶରୁ କେମିତି ହଟିବ ସେ କଥା ଚିନ୍ତା କରିଥିଲେ । ସେ ଭାବୁଥିଲେ ଯେ ସାମାଜିକ କୁପ୍ରବୃତ୍ତି ଏବଂ ଖଣ୍ଡିତ ସମାଜ ଦେଶକୁ ବିଖଣ୍ଡିତ କରିଦେବ । ଏଣୁ ସେ ସମାଜକୁ ଯୋଡିବା ପାଇଁ ଉଦ୍ୟମ କରୁଥିଲେ । ୧୯୨୦ରେ ମୁମ୍ବାଇଠାରେ ସାପ୍ତାହିକ ମୁକନାୟକର ପ୍ରକାଶନ ଆରମ୍ଭ କରିଥିଲେ। ଏହାର ଉଦେଶ୍ୟ ଥିଲା ତାଙ୍କ କଥା ଲୋକଙ୍କ ନିକଟରେ ପହଞ୍ଚୁ । ଏକ ସମ୍ମିଳନୀରେ ବଞ୍ଚିତ ବର୍ଗଙ୍କ ଉପରେ ଦେଇଥିବା ତାଙ୍କ ଭାଷଣ ଶୁଣି କୋହ୍ଲାପୁରର ତତ୍କାଳୀନ ଶାସକ ସାହୁ ଚତୁର୍ଥ ପ୍ରଭାବିତ ହୋଇ ତାଙ୍କୁ ଭୋଜନ ପାଇଁ ଆମନ୍ତ୍ରିତ କରିଥିଲେ । ୧୯୩୦ ମସିହା ଅଗଷ୍ଟ ୮ ତାରିଖରେ ଏକ ସମ୍ମିଳନୀରେ ଆମ୍ବେଦକର ଦଳିତଙ୍କ ପ୍ରସଙ୍ଗରେ ତାଙ୍କ ଦୃଷ୍ଟିଭଙ୍ଗୀକୁ ଲୋକଙ୍କ ସାମନାରେ ରଖିଥିଲେ ଏବଂ କହିଥିଲେ "ଆମକୁ ଆମ ରାସ୍ତା ପ୍ରସ୍ତୁତ କରିବାକୁ ପଡିବ" । ଆମ୍ବେଦକର ଯେ ହିନ୍ଦୁ ସମାଜରେ ଥିବା କୁପ୍ରଥାକୁ ଏବଂ ସାମାଜିକ ଭେଦଭାବକୁ ବିରୋଧ କରୁଥିଲେ ତା ନୁହେଁ ଇସଲାମ ସମାଜରେ ଥିବା ବାଲ୍ୟ ବିବାହ ଏବଂ ମହିଳାଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାରର ମଧ କଟୁ ସମାଲୋଚକ ଥିଲେ । ଆମ୍ବେଦକର ସ୍ତ୍ରୀ-ପୁରୁଷ ସମାନତାର ପକ୍ଷଧର ଥିଲେ । ଇସଲାମ ଧର୍ମରେ ଥିବା ବହୁ ବିବାହ କଥାକୁ ସେ ମଧ ବିରୋଧ କରୁଥିଲେ । ସେ ଲେଖିଛନ୍ତି "ଭାରତୀୟ ମୁସଲମାନ ତାଙ୍କ ସମାଜକୁ ସୁଧାରିବା ଦିଗରେ ବିଫଳ ହେଉଛନ୍ତି କିନ୍ତୁ ଏହାର ବିପରୀତ ତୁର୍କୀ ଭଳି ଇସଲାମିକ ଦେଶରେ ଅନେକ ପରିବର୍ତ୍ତନ ଘଟିଛି" । ରାଷ୍ଟ୍ରବାଦ ପ୍ରସଙ୍ଗରେ ସେ ଅତ୍ୟନ୍ତ ମୁଖର ଥିଲେ । ବିଭାଜନକାରୀ ରାଜନୀତି ପାଇଁ ମହମ୍ମଦ ଅଲ୍ଲି ଜିନ୍ନା ଏବଂ ମୁସଲିମ ଲିଗ୍‌କୁ ସେ କଠୋର ଭାବେ ସମାଲୋଚନା କରୁଥିଲେ।

ଆମ୍ବେଦକର ଥିଲେ ଏକମାତ୍ର ରାଜନେତା ଯିଏ ଛୁଆଁ ଅଛୁଆଁ ଭେଦଭାବକୁ ନିନ୍ଦା କରୁଥିଲେ । ୧୯୩୨ ମସିହାରେ ବ୍ରିଟିଶ ସରକାର ଦଳିତ (ଅସ୍ପୃଶ୍ୟ)ଙ୍କ ପାଇଁ ପୃଥକ ନିର୍ବାଚନୀ କ୍ଷେତ୍ର ପାଇଁ ରାଜି ହେଲେ ସେତେବେଳେ ପୁଣେର ୟରବଦା କେନ୍ଦ୍ରୀୟ ଜେଲରେ ଥିବା ଗାନ୍ଧୀଜୀ ଏହାକୁ ବିରୋଧ କରି ଆମରଣ ଅନଶନ କରିଥିଲେ । ଗାନ୍ଧୀ ଅନଶନ ମାଧମରେ ହିନ୍ଦୁ ସମାଜରେ ଥିବା ସାମାଜିକ ଭେଦଭାବ ଏବଂ ଅସ୍ପୃଶ୍ୟତାର ବିଲୋପ ପାଇଁ ନିବେଦନ କରିଥିଲେ । ଅସ୍ପୃଶ୍ୟତା ବିରୋଧରେ ଆମ୍ବେଦକରଙ୍କ ଲଢେଇକୁ ସାରା ଦେଶରେ ସେତେବେଳେ ସମର୍ଥନ ମିଳିଥିଲା । ଭାରତୀୟ ସମାଜରେ ଥିବା ରୁଢ଼ିବାଦିତାକୁ ବିରୋଧ କରି ନାସିକ ନିକଟସ୍ଥ ୟେଓଲାଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ସେ ହିନ୍ଦୁ ଧର୍ମ ଛାଡିବା ପାଇଁ ଘୋଷଣା କରିଥିଲେ ଓ ନିଜ ସମର୍ଥକମାନଙ୍କୁ ହିନ୍ଦୁ ଧର୍ମ ଛାଡି ଅନ୍ୟ ଧର୍ମ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ । ୧୯୫୬ ମସିହା ଅକ୍ଟୋବର ୧୪ ତାରିଖରେ ଏକ ସାଧାରଣ ସଭାର ଆୟୋଜନ କରି ଆମ୍ବେଦକର ଓ ତାଙ୍କ ସମର୍ଥକମାନେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ଆମ୍ବେଦକର ସାମାଜିକ ଏକତାର ସୂତ୍ରଧର ଥିଲେ କିନ୍ତୁ ଏବେ ବି ତାଙ୍କ ଜାତି ମୁକ୍ତ ସମାଜର ସ୍ୱପ୍ନ ଅଧୁରା ହୋଇ ରହିଯାଇଛି। କେବଳ ନିର୍ବାଚନୀ ରାଜନୀତିରେ ଦେଶ ବଦଳିବ ନାହିଁ, ଦେଶକୁ ବଦଳାଇବା ପାଇଁ ପ୍ରଚେଷ୍ଟା ଆବଶ୍ୟକ ।


ରାମଚନ୍ଦ୍ରପୁର


ରଣପୁର

ମୋ-୯୪୩୮୪୮୫୦୯୪


## ପ୍ରସ୍ତୁତିର ଆବଶ୍ୟକତା...

ଘଟଣା ବା ଦୁର୍ଘଟଣାଟିଏ ଘଟିଗଲା ପରେ କାହାକୁ ନା କାହାକୁ ଦୋଷ ଦେବା ମଣିଷର ଏକ ସ୍ୱଭାବ । କିନ୍ତୁ ଅନେକ ଚେତାବନୀ ସତ୍ତ୍ୱେ ବେଳ ଥାଉ ଥାଉ ସଚେତନ ହେବା, ନେଢ଼ିଗୁଡ଼ କହୁଣିକୁ ବହିଯିବା ଆଗରୁ ତାକୁ ରୋକିବାକୁ ପଦକ୍ଷେପ ନେବା କ୍ୱଚିତ୍ ମଣିଷଟିଏ ବା ଏକ ବୃହତ୍ତର ପରିପ୍ରେକ୍ଷୀରେ ମାନବ ସମାଜ କରିଥାଏ। ଏକଥା କହିବାର ତାତ୍ପର୍ଯ୍ୟ ହେଉଛି, ଚେନ୍ନାଇର ଚଳିତ ବର୍ଷର ବାତ୍ୟା ମିଗ୍ ଯୋଗୁଁ ହୋଇଥିବା ଦୁର୍ଦ୍ଦଶା । ଅବଶ୍ୟ କେବଳ ଚେନ୍ନାଇ ନୁହେଁ, ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀ ମଧ ଏହି ବାତ୍ୟାର ପ୍ରକୋପରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଛି। ତେବେ ଚେନ୍ନାଇର ଜଳ ପ୍ରଳୟ ଅବସ୍ଥା ଏହାକୁ ଚର୍ଚ୍ଚାକୁ ବେଶୀ ଆଣିଛି। ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବା ପରଠାରୁ ପାଣିପାଗ ବିଭାଗ ଲଗାତର ଚେତାବନୀ ଦେଇ ଆସିବା ପରେ ଗତ ୩ ତାରିଖ ଦିନ ଏଇ ସହରରେ ଆରମ୍ଭ ହୋଇଗଲା ବର୍ଷା ଏବଂ ଏହା ପରେ ପରେ ପବନର ବେଗ ବଢ଼ିବାକୁ ଲାଗିଲା । ଦକ୍ଷିଣ ଆନ୍ଧ୍ର ଉପକୂଳରେ ବାତ୍ୟା ଲ୍ୟାଣ୍ଡ୍‌ଫଲ୍ କରିବା ବେଳକୁ ଚେନ୍ନାଇ ଜଳର ପ୍ଲାବନକୁ ପରିଲକ୍ଷିତ କରି ସାରିଥିଲା ଏବଂ ଏଠାକାର କେତେକ ଅଞ୍ଚଳରେ ୧୨୦ ମିଲିମିଟର ବର୍ଷା ରେକର୍ଡ ହୋଇ ସାରିଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ବର୍ଷାର ପରିମାଣ ୨୫୦ ମିଲିମିଟରରୁ ମଧ ଅଧିକ ଥିଲା । ସମାନ ଧରଣର ଏକ ବୃଷ୍ଟିପାତ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଚେନ୍ନାଇ ପରିଲକ୍ଷିତ କରିଥିଲା ଆଠ ବର୍ଷ ପୂର୍ବରୁ ୨୦୧୫ରେ। ପରନ୍ତୁ, ସେହି ପରିସ୍ଥିତିରୁ କିଛି ଶିକ୍ଷାଲାଭ କରି ନଥିବା ମନେ ହୋଇଥଲା ଚଳିତ ଥର, ଯେହେତୁ ଏଇ ପ୍ରମୁଖ ମହାନଗରୀ ପୁଣିଥରେ ବୁଡ଼ି ଯାଇଥିଲା ଜଳରେ। ଆଉ ଏହା ହୋଇଥଲା ପରିବେଶବିତ୍ ଏବଂ ପାଣିପାଗ ବିଜ୍ଞାନୀମାନଙ୍କର ବାରମ୍ବାର ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବଗୁଡ଼ିକ ସମ୍ପର୍କରେ ସମୁଦ୍ରକୂଳିଆ ସହରମାନଙ୍କର ଭବିଷ୍ୟତ ସମ୍ପର୍କରେ ସତର୍କ ବାଣୀ ପ୍ରଦାନ ସତ୍ତ୍ୱେ। ଚଳିତ ଥର ଅବଶ୍ୟ ସେପରି କିଛି ଘଟିନାହିଁ ; ସାମ୍ପ୍ରତିକ ସମୟର ମୁଖ୍ୟମନ୍ତ୍ରୀ ଏମ୍ ଷ୍ଟାଲିନ୍ ଅତ୍ୟଧିକ ବୃଷ୍ଟିପାତ ବିଶେଷ କିଛି କ୍ଷୟକ୍ଷତି ଘଟାଇବା ପୂର୍ବରୁ ବ୍ୟାପକ ପ୍ରସ୍ତୁତି କରି ସାରିଥିଲେ। ପ୍ରତିକୂଳ ପରିସ୍ଥିତି ପ୍ରତି ପ୍ରତିକ୍ରିୟା ପ୍ରକାଶକାରୀ ଏକ ଦାୟିତ୍ୱବାନ୍ ସରକାର ସାଧାରଣ ନାଗରିକମାନଙ୍କ ଧନ ଜୀବନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ, ଯେତେବେଳେ କି ଜାତୀୟ ବିପର୍ଯ୍ୟୟ ପରିଚାଳନାକାରୀ ବଳଙ୍କ ସହିତ ମନ୍ତ୍ରୀମାନେ, ଅମଲାତନ୍ତ୍ରୀମାନେ, ପୁଲିସ ଏବଂ ସେନାବାହିନୀର କର୍ମଚାରୀମାନେ ପ୍ରସ୍ତୁତି, ପ୍ରଶମନ, ଉଦ୍ଧାର ଏବଂ ରିଲିଫ୍ ପ୍ରଦାନ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ରାତି ଉଜାଗର ହୋଇ କାର୍ଯ୍ୟ କରିଥିଲେ। ତା' ସତ୍ତ୍ୱେ ନିହାତି କମ୍‌ରେ ନଅ ଜଣଙ୍କ ଜୀବନ ହାନିକୁ ସିଧାସଳଖ ଏଇ ବାତ୍ୟା ଯୋଗୁଁ ହୋଇଥବା କୁହାଯାଇ ପାରିବ, ଯାହା କେବଳ ଅତ୍ୟନ୍ତ ଭୟଙ୍କର ନଥିଲା, ବରଂ ଏଇ ମହାନଗରୀ ଉପରେ ଦିନକରୁ ଅଧିକ ସମୟ ରାଜୁତି କରିଥିବା ବେଳେ ଉଚ୍ଚ ଜୁଆର ଯୋଗୁଁ ସମୁଦ୍ର ଭିତରକୁ ନଦୀଗୁଡ଼ିକ ଦେଇ ବର୍ଷା ପାଣି ନିଷ୍କାସିତ ହେବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ସହରର ଅଧିକାଂଶ ଭାଗକୁ ବିଦ୍ୟୁତ୍ ଶକ୍ତି ସରବରାହ ବନ୍ଦ କରାଯାଇଥିଲା, କାରଣ କେଉଁଠି ଯଦି ବିଦ୍ୟୁତ୍ ତାରରେ କିଛି ତ୍ରୁଟି ବା ଲିକ୍ ରହିଥାଏ, ତା'ହେଲେ ସ୍ଥିର ପାଣିରେ ବିଦ୍ୟୁତ୍ ଶକ୍ତି ସରବରାହ ହୋଇ ଜୀବନ ହାନି ଘଟିବାର ସମ୍ଭାବନା ରହିଥିଲା । କିନ୍ତୁ ଅନେକଗୁଡ଼ିଏ ଗଛ ଭାଙ୍ଗି ପଡ଼ିବା ଯୋଗୁଁ ବିଦ୍ୟୁତ୍ ଶକ୍ତି ସରବରାହର ପୁନରୁଦ୍ଧାର ନିମନ୍ତେ ଅନେକ ସମୟ ଲାଗି ଯାଇଥିଲା । ବାତ୍ୟା ଆକ୍ରାନ୍ତ କରିବାର ଅଳ୍ପ କେତେଦିନ ପୂର୍ବରୁ ଚେନ୍ନାଇର ଏକ ବୃଷ୍ଟିପାତ ଦ୍ୱାରା ପୂର୍ଣ ହେଉଥିବା ଜଳଭଣ୍ଡାର ଚେମ୍ବରୟାକମ୍ ହ୍ରଦରୁ ଜଳ ଛଡ଼ାଯିବା ଉପରେ ନିୟନ୍ତ୍ରଣ କରାଯାଇଥିଲା । ତଥାପି ବର୍ତ୍ତମାନ ସମୟରେ ଅଳିଆ ଆବର୍ଜନାରେ ଯଦି ଡ୍ରେନ୍‌ଗୁଡ଼ିକ ଅବରୁଦ୍ଧ ହେଉ ନଥାନ୍ତା, ତା'ହେଲେ ଏସବୁ ଜଳ ନିଷ୍କାସନକାରୀ ବ୍ୟବସ୍ଥା କେତେକାଂଶରେ ସହାୟକ ହେଉଥାନ୍ତା। ଇତି ମଧରେ ସରକାର ଏ ବାବଦରେ ଚାରି ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ସାରିଥିବାରୁ ଜନସାଧାରଣ ଅବଶ୍ୟ ଏ କ୍ଷେତ୍ରରେ ସୁଫଳ ପାଇବେ ବୋଲି ଆଶା କରୁଥିଲେ, ଯାହା କ୍ୱଚିତ୍ ସମ୍ପୂର୍ଣ୍ଣ ମାତ୍ରାରେ ସମ୍ଭବପର ହୋଇ ପାରିଛି। ତେବେ ଜଳବନ୍ଦୀ ପାଇଁ ଯେଉଁ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ରହିଛି, ସେଗୁଡ଼ିକ ମଧରେ ଅଛି ଯୋଜନାବଦ୍ଧ ଭାବରେ ହୋଇ ନଥିବା ନିର୍ମାଣ କାର୍ଯ୍ୟ, ବିଭିନ୍ନ ସଂରକ୍ଷିତ ଅଞ୍ଚଳର ଅବରୋଧ, ଏବଂ ଜନ ବିଶୃଙ୍ଖଳା, ବିଶେଷକରି ଯେଉଁଠି ପାରେ ସେଠି ଅଳିଆ ଆବର୍ଜନା ପକାଇବା । ଏ ବାବଦରେ ତେଣୁ ଆହୁରି ଅଧିକ କିଛି କରାଯିବାର ଆବଶ୍ୟକତା ରହିଛି । ଏଥିରେ ସନ୍ଦେହ ନାହିଁ ଯେ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ସଫଳ ମୁକାବିଲା କ୍ଷେତ୍ରରେ ଭାରତ ବର୍ତ୍ତମାନ ସମୟରେ ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି, କିନ୍ତୁ ଏବେ ବି ଦେଶର ବଡ଼ ବଡ଼ ମହାନଗରୀମାନଙ୍କରେ ଉନ୍ନତ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେତେକ ତ୍ରୁଟିବିଚ୍ୟୁତି ବଜାୟ ରହିଛି । ଲୋକମାନଙ୍କ ଜୀବନ ରକ୍ଷା ପାଇଁ ତେଣୁ ସୁରକ୍ଷିତ ସହର ପ୍ରଦାନ କରିବା, ନେତା ହୁଅନ୍ତୁ କି ପ୍ରଶାସନିକ ଅଧିକାରୀମାନଙ୍କର ଏକ ନିରନ୍ତର କାର୍ଯ୍ୟ ହେବା ଆବଶ୍ୟକ । ସର୍ବୋପରି, ଏତିକି କୁହାଯାଇପାରେ ଯେ ସମୟ ଉପଗତ ହୋଇଛି, ବିଶ୍ୱ ତାପାୟନ ଏବଂ ଜଳବାୟୁ ପରିବର୍ତ୍ତନର ହାନିକାରକ ପ୍ରଭାବଗୁଡ଼ିକ ସମ୍ପର୍କରେ ସମସ୍ତେ ଚେତିବା ଉଚିତ ।

# ଓଡ଼ିଶାରେ 'ମିଗଜୋମ' ପ୍ରଭାବରେ ବର୍ଷା : ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କ ଅମଳ ନଷ୍ଟ ଆଶଙ୍କା !



### ପ୍ରଦୋଷ କୁମାର ଦାସ

ସାମୁଦ୍ରିକ ବାତ୍ୟା 'ମିଗଜୋମ' ଗତ ମଙ୍ଗଳବାର ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ବାପାଟଲାଠାରେ ସ୍ଥଳଭାଗ ଛୁଇଁ ଥିଲା। ଏହି ବାତ୍ୟାର ଲ୍ୟାଣ୍ଡ ଫଲ ପ୍ରକ୍ରିୟା ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା। ଏହାର ପ୍ରଭାବରେ ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଉପକୂଳ ସମେତ ସମଗ୍ର ରାଜ୍ୟ ତଥା ଏହାର ସଂଲଗ୍ନ ରାଜ୍ୟ ତେଲେଙ୍ଗାନା ଓ ପୁଡୁଚେରୀରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ପ୍ରକାଶ। କେବଳ ସେତିକି ନୁହେଁ, ଆମ ଦେଶର ତାମିଲ ନାଡୁ ରାଜ୍ୟରେ ମଧ ପ୍ରବଳ ବର୍ଷା ଓ ବାତ୍ୟା ଜନୀତ କ୍ଷୟକ୍ଷତି ହେବା ସହ ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଏଠାରେ ସାଧାରଣ ଜନଜୀବନ ପ୍ରଭାବିତ ହେବା ସହ ବିଲବନ ପ୍ରାନ୍ତର ସମେତ ରାସ୍ତା ଘାଟ ବନ୍ୟାପ୍ଲାବିତ ସମାନ ଜଳାର୍ଣ୍ଣ ହୋଇଯାଇଛି। ଏଠାରେ ବ୍ୟାପାର ଫସଲ ହାନି ହୋଇଥିବା ଆଶଙ୍କା ଜଳ ଜଳ ଦିଶୁଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଠାରେ ବିଧିବଦ୍ଧ ଭାବେ ସହାୟତା ଯୋଗାଇ ଦେବା ନିହାତି ଜରୁରୀ। ଏପରି ପରିସ୍ଥିତିରେ ପ୍ରଭାବିତ ଅଞ୍ଚଳର ସୀମାନ୍ତ ଆମ ରାଜ୍ୟ ଓଡ଼ିଶାର ଦକ୍ଷୀଣାଞ୍ଚଳରେ ମଧ ଏହି ସାମୁଦ୍ରିକ ବାତ୍ୟା ମିଗଜୋମ ଅନେକ ପ୍ରତିକୂଳ ପ୍ରଭାବ ପକାଇଛି।

ଏହି ସାମ୍ୟାଦିକ ବାତ୍ୟା 'ମିଗ୍ ଜୋମ' ପ୍ରଭାବରେ ଆମ ରାଜ୍ୟ ଓଡ଼ିଶାର ବ୍ୟାପକ ଅଞ୍ଚଳରେ ବିଶେଷ କରି ଦକ୍ଷୀଣାଞ୍ଚଳରେ ବ୍ୟାପକ ବର୍ଷା ହୋଇ ସମ୍ପୃକ୍ତ ଅଞ୍ଚଳର ଚାଷୀ ମାନଙ୍କ ଚିନ୍ତା ବଢାଇ ଦେଇଛି। ସୂଚନାଯୋଗ୍ୟ, ଗତ ୫ ତାରିଖ ମଙ୍ଗଳବାର ସନ୍ଧ୍ୟାରୁ କ୍ରମେ ବର୍ଷାର ପ୍ରଭାବ ବୃଦ୍ଧି ପାଇ ବୁଧବାର ସକାଳ ସୁଦ୍ଧା ପଡୋଶୀ ଆନ୍ଧ୍ର ପ୍ରଦେଶ ସଂଲଗ୍ନ ଆମ ରାଜ୍ୟ ଓଡ଼ିଶାର ସୀମାନ୍ତ ଜିଲ୍ଲା ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ସମେତ କଳାହାଣ୍ଡି, କନ୍ଧମାଳରେ ପ୍ରବଳ ବର୍ଷା ଜାରି ରହିଛି। ଉପରୋକ୍ତ ଜିଲ୍ଲା ଗୁଡ଼ିକ ପାଇଁ ହେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୭ ତାରିଖ ରେ ମିଗଜୋମ ପ୍ରଭାବରେ ବର୍ଷା ଜାରି ରହିବାରୁ ସମ୍ଭାବନା ରହିଛି ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ମଧ୍ୟରେ ଗଜପତି ଜିଲ୍ଲାର ମୋହନାରେ ମଧ ସର୍ବାଧିକ ୪୦ ମି.ମି ବର୍ଷା ହୋଇସାରିଥିଲା ରେକର୍ଡ କରାଯାଇଛି। କେବଳ ସେତିକି ନୁହେଁ ମିଜୋମ ପ୍ରଭାବରେ ଗଂଜାମର ପଡୋଶୀ ଅବିଭକ୍ତ ପୁରୀ ଜିଲ୍ଲାର ଅନେକ ଅଞ୍ଚଳରେ ସାମାନ୍ୟରୁ ମଧମ ଧରଣର ବର୍ଷା ଜାରି ରହିଥିବାରୁ ବର୍ଷା ପ୍ରଭାବିତ ଅଞ୍ଚଳର ବିଭିନ୍ନ ଖାଲୁଆ ଓ ନିଚା ରହିଥିବା ଫସଲ କ୍ଷେତରେ ବର୍ଷା ଜଳ ଜମି ଯାଇଛି। ଏହି ବାତ୍ୟା ପ୍ରଭାବିତ ବର୍ଷା ଯୋଗୁଁ ଅମଳ ଆସନ୍ନ ଜମିରେ ରହିଥିବା ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବାତ୍ୟା ଓଡ଼ିଶାରେ ପ୍ରଭାବକୁ ପୂର୍ବାନୁମାନ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଯଦିଓ ଚାଷୀଙ୍କୁ ସେମାନଙ୍କର ଅମଳ ଧାନ, ପନିପରିବା, ମାଣ୍ଡିଆ, କପା, ତଥା ଅନ୍ୟାନ୍ୟ ଫସଲ ନଷ୍ଟ ହେବାରୁ ରକ୍ଷା ପାଇଁ କ୍ଷେତରୁ ସ୍ଥାନାନ୍ତର କରିବାକୁ ସୂଚନା ଦେଇଥିଲା। ହେଲେ ବିଲରେ ଅମଳ ଆସନ୍ନ ଓ କଟା ହୋଇ ପଡ଼ିଥିବା ଧାନ, ମାଣ୍ଡିଆ ଇତ୍ୟାଦିକୁ ଆବଶ୍ୟକ ଲୋକ ବଳ, ଉପଯୁକ୍ତ ଗୋଦାମ ଘର ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଜନିତ ସମସ୍ୟା କାରଣରୁ ଚାଷୀ ତ୍ୱରିତ ପଦକ୍ଷେପ ନେବାରେ ମଧ ବିଫଳ ହୋଇଥିବା ସୂଚନାରୁ ପ୍ରକାଶ। ସଂପୃକ୍ତ ବିଭିନ୍ନ ଅଞ୍ଚଳର କ୍ଷେତର ଧାନ ଓ କଟା ଧାନ ଫସଲ ସେହି ବିଲରେ ଏବେ ବତୁରି ପଡ଼ିଛି । ଏହାକୁ ଚଳିତ ବର୍ଷା ଜଳରୁ ତଥା କାଦୁଆ ଜମିରୁ ଛାଣି ଆଣି ଚାଷୀଙ୍କୁ ବିଲ ମୁଣ୍ଡକୁ ଅଣାଇବାରେ ଉଭୟ ଆର୍ଥିକ ଓ ଶାରୀରିକ ଯନ୍ତ୍ରଣା ଦେବ ଜଳ ଦିଶିଯାଉଛି। ବର୍ଷା ପ୍ରଭାବିତ ଉପରୋକ୍ତ ଅଞ୍ଚଳରେ ଅମଳ ହେବାକୁ ଥିବା ଫସଲର ଆଦାୟ ଉପରେ ମଧ ଆଶଙ୍କା ସୃଷ୍ଟି ହେଲାଣି। ବିଲ ଯିବ ମୂଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଆଗକୁ କେତେ ଯେ ନାକେଦମ ହେବାକୁ ପଡ଼ିବ, ତାହା ସେହି ଅସହାୟ ଚାଷୀମାନଙ୍କୁ ହିଁ ଜଣା।

ଯେତେ ଯାହା ପୂର୍ବାନୁମାନ କଲେ ମଧ, ବିଲରେ ଅମଳ ଆସନ୍ନ ଫସଲକୁ କଟା ଓ ବନ୍ଧା କରାଇ ବିଲ ମୂଳରୁ ତଡ଼ିତ ବେଗରେ ସ୍ଥାନାନ୍ତରଣ କରାଇ ସେଗୁଡିକୁ ଯଥା ସ୍ଥାନରେ ଗଦା ମାରିବା, ଆବଶ୍ୟକ ଥଇଥାନ, ସୁରକ୍ଷା ପାଇଁ ଉପଯୁକ୍ତ ସ୍ଥାନ / ଗୋଦାମ ଘରର ଆହ୍ୱାନକୁ ସାମନା କରିବାକୁ ସବୁ କ୍ଷେତ୍ରରେ ଅସହାୟ ଚାଷୀଟି କେବେ ମଧ ସ୍ୱଚ୍ଛଳ ଓ ସକ୍ଷମ ହୋଇପାରେ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ବିପାକରୁ ଫସଲ ରକ୍ଷା ପାଇଁ ଏବେ ମଧ ଆମ ରାଜ୍ୟରେ ବିଭିନ୍ନ ଜିଲ୍ଲା ଅନ୍ତର୍ଗତ ସ୍ଥାନୀୟ ବିଭିନ୍ନ ଅଞ୍ଚଳରେ ଅମଳ ଫସଲ ସୁରକ୍ଷା ଓ ସ୍ଥାନାନ୍ତରଣ ପାଇଁ ସରକାରୀ ସ୍ତରରେ ଆବଶ୍ୟକ ଗୋଦାମ ଗୃହ, ସାମୁହିକ ଓ ବ୍ୟକ୍ତିଗତ ପ୍ରୟାସରେ ଅମଳ ଫସଲର ଥୁଆରଖା ସହିତ ଏହାର ସୁରକ୍ଷା ପାଇଁ ବ୍ୟବସ୍ଥା ହୋଇପାରିନାହିଁ। ଋତୁକାଳୀନ ଫସଲ ଅମଳ ଉପରେ ନିର୍ଭର କରୁଥିବା ଚାଷୀଙ୍କୁ ସେହିପରି ଋତୁର ପ୍ରାକୃତିକ ପ୍ରଭାବ ସହ ଲୁଚକାଳି ଖେଳି ସେମାନଙ୍କର ବିଲରୁ ଅମଳ ଫସଲକୁ ରକ୍ଷା କରିବାକୁ ଏକ ପ୍ରକାର ବାଧ ହେବାକୁ ପଡୁଛି। ଭଲ ଫସଲ ଅମଳ ହେଲେ ମଧ କଳାକୁ ନେଇ ଅମଳ ନକାଲା ଯାଏ ନିସ୍ତାର ନାହିଁ। ଏହାର ଆବଶ୍ୟକ ସୁରକ୍ଷା ନିମନ୍ତେ ପ୍ରତି ପଞ୍ଚାୟତରେ ଆବଶ୍ୟକ ଅନୁପାତରେ ସୁଲଭ ଗୋଦାମ ଗୃହ ଓ ଶୀତଳ ଭଣ୍ଡାର ବ୍ୟବସ୍ଥା ଏବେ ମଧ ଥିବା ସ୍ୱପ୍ନ ରହିଛି।

ତେବେ ସେ ଯାହାହେଉ ଏବେ ମିଗଜୋମ ବାତ୍ୟା ପ୍ରଭାବିତ ଅଂଚଳର ଚାଷୀ ମାନଙ୍କ ପକ୍ଷରୁ ଅମଳ ଶସ୍ୟ ରକ୍ଷା ପାଇଁ ଏକ ପ୍ରକାର ଆହ୍ୱାନ ଆଣିଦେଇଛି। ମିଗଜୋମ ପ୍ରଭାବରେ ଜାରି ରହିଥିବା ବର୍ଷା କାରଣରୁ ପ୍ରଭାବିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ନିବେଦନ ହେଉଛି। ପ୍ରଭାବିତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷ ଓ ଚାଷୀଙ୍କ ଉପରେ ଆଧାରିତ ସରଜମିନ ତଦନ୍ତ ପାଇଁ ଏବେ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ମଧରେ ଆବଶ୍ୟକ ସମନ୍ୱୟ ରକ୍ଷା କରି ସୁଚାରୁରୂପେ ଅନୁସନ୍ଧାନ ହେବା ଜରୁରୀ। କ୍ଷତିପୂରଣ ଓ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତି ବ୍ଲକର ପ୍ରତି ପଞ୍ଚାୟତ ଅଧୀନ ବିଭିନ୍ନ ଅଞ୍ଚଳରେ କୃଷି ଅଧିକାରୀ ଓ କ୍ଷେତ୍ର କୃଷୀ ନିରୀକ୍ଷକଙ୍କୁ ତୁରନ୍ତ ନିୟୋଜନର ଆବଶ୍ୟକତା ରହିଛି। ଆବଶ୍ୟକ ସ୍ଥଳେ ନୁଆଁଣିଆ ଜମି / ବିଲରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଇ ଅମଳ ଫସଲକୁ ମଧ ବିପର୍ଯ୍ୟୟରୁ ରକ୍ଷା କରାଯିବା ଜରୁରୀ। ସାମୁଦ୍ରିକ ବାତ୍ୟା ମିଗଜୋମ ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳରେ ଚାଷୀଟିର ମେରୁଦଣ୍ଡ ଭାଙ୍ଗି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଚଳିତ ବର୍ଷ ଆଶାନୁରୂପ ଫସଲ ଅମଳ ହେବା ଆଶାକୁ ସାକାର କରିବାକୁ ଯାଉଥିବା ସେହି ପ୍ରଭାବିତ ଅଞ୍ଚଳର ଚାଷୀଙ୍କ ଆଖିରେ ସାମୁଦ୍ରିକ ବାତ୍ୟା ମିଗଜୋମ ବାସ୍ତବରେ ଲୁହ ଭରି ଦେଇଛି। ଉପଯୁକ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ନିବେଦନ ହେଉଛି।

> ଯେତେ ଯାହା ପୂର୍ବାନୁମାନ କଲେ ମଧ, ବିଲରେ ଅମଳ ଆସନ୍ନ ଫସଲକୁ କଟା ଓ ବନ୍ଧା କରାଇ ବିଲ ମୂଳରୁ ତଡ଼ିତ ବେଗରେ ସ୍ଥାନାନ୍ତରଣ କରାଇ ସେଗୁଡିକୁ ଯଥା ସ୍ଥାନରେ ଗଦା ମାରିବା, ଆବଶ୍ୟକ ଥଇଥାନ, ସୁରକ୍ଷା ପାଇଁ ଉପଯୁକ୍ତ ସ୍ଥାନ / ଗୋଦାମ ଘରର ଆହ୍ୱାନ କୁ ସାମନା କରିବାକୁ ସବୁ କ୍ଷେତ୍ରରେ ଅସହାୟ ଚାଷୀଟି କେବେ ମଧ ସ୍ୱଚ୍ଛଳ ଓ ସକ୍ଷମ ହୋଇପାରେ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ବିପାକ ରୁ ଫସଲ ରକ୍ଷା ପାଇଁ ଏବେ ମଧ ଆମ ରାଜ୍ୟ ରେ ବିଭିନ୍ନ ଜିଲ୍ଲା ଅନ୍ତର୍ଗତ ସ୍ଥାନୀୟ ବିଭିନ୍ନ ଅଞ୍ଚଳରେ ଅମଳ ଫସଲ ସୁରକ୍ଷା ଓ ସ୍ଥାନାନ୍ତରଣ ପାଇଁ ସରକାରୀ ସ୍ତରରେ ଆବଶ୍ୟକ ଗୋଦାମ ଗୃହ, ସାମୁହିକ ଓ ବ୍ୟକ୍ତିଗତ ପ୍ରୟାସରେ ଅମଳ ଫସଲର ଥୁଆରଖା ସହିତ ଏହାର ସୁରକ୍ଷା ପାଇଁ ବ୍ୟବସ୍ଥା ହୋଇପାରିନାହିଁ।


ସ୍ତମ୍ଭକାର,ସା/ପୋ:- ନାଟୁଣୀ,

ଜିଲ୍ଲା:- ଖୋର୍ଦ୍ଧା, ୭୫୨୦୩୪





## ତୁମପାଇଁ ପଦେ

### ସୁଧାକର ସେଠୀ



ଗୋଧୁଳି ଲଗନେ ମନେ ପଡିଯାଏ
ତୁମର ସେ ଅଭୁଲା ସ୍ମୃତି
ଆସ ଥିରିଥିରି ଦୁର ଦିଗବଳୟେ
ଦିଶିଯାଏ ଅପୂର୍ବ କାନ୍ତି ।

ଅଭିସାରିକା ମୁଁ ଖିଆଲି ମନର
କାଠିକୁଟା ସବୁ ରଖିସାଇତି
ଗଢିବି ସପନ ମହଲ ସେଥିରେ
ସୁଖରେ ବିତିବ ଦିବସରାତି ।

ମାନ ଅଭିମାନ ଅଳିକ ସଂସାରେ
ଅଭୁଲା ତୁମ ପ୍ରେମବନ୍ଧନ
ଆସ ସାଥି ମୋର ସୁନୀଳ ଗଗନେ
ବିତେଇ ଦେବା ବାକି ଜୀବନ ।

ଘାସ ଗାଲିଚାରେ ସାଧବ ବହୁ
ଯାଉଛି ଦେଖ ମୁହଁଲୁଚାଇ
ଏମିତି ଲଗନେ ତୁମେ ନାହିଁ ସାଥି
ହୃଦୟ ମୋହର ଯାଉଛି ଦହି ।


ଭିନ୍ନକ୍ଷମ ଜାତୀୟ କ୍ରୀଡାବିତ ତଥା
ମାନବାଧିକାର କର୍ମୀ
ଜମ୍ବେଶ୍ୱରପୁର, ବାଲେଶ୍ୱର


## ମାସ ମଗୁଶୀର ଖସଇ ଶିଶିର

### ପ୍ରଶାନ୍ତ କୁମାର ଦାଶ



ମାସ ମଗୁଶୀର ଖସଇ ଶିଶିର
ହସଇ ସୋରିଷ ଫୁଲ
ଗୁଣୁ ଗୁଣୁ ଗାଇ ଭଅଁର ଆସଇ
ବଢଇ ବଗିଚା ମୂଲ ।

ପଡିଆ ମଥାରେ ମୁକୁତା ସମାନ
ଦିଶଇ କଅଁଳ ଘାସ
ଗେଣ୍ଡୁଫୁଲ ଫୁଟି ପବନପରଶେ
ବାଣ୍ଟିଦେଇ ହସ ବାସ ।

ଗାଆଁପରିବେଶ ଦିଶଇ ସରସ
ଗଛେ ଫଳ କୋଳି ଭରା
ଶୀତରେ ଥରିଲେ ଦେହକୁ ଉଷୁମ
କରୁଚି କଅଁଳ ଖରା ।

ଅଳସ ଦୁରେଇ ଧାନକାଟିବାକୁ
ଦାଆ ଧରିଯାଏ ସନା
କୁହୁଡି କାକରେ ବୁଲିବାକୁ ବୋଉ
ଗୁଡୁଲୀକୁ କରେ ମନା ।

ମାଣବସା ହେବ ଘର ଲିପି ପୋଛି
ବୋଉତ ଦିଅଇ ଝୋଟି
ଦୁରବିଦେଶରୁ ଲକ୍ଷ୍ମୀପୂଜା ପାଇଁ
ବାପାତ ଆସିବେ ଛୁଟି ।

ଚାଷୀର ଘରଣୀ ନୂଆଧାନ ଆଣି
ମେଣ୍ଟା ତିଆରଇ ବସି
ଲକ୍ଷ୍ମୀତ ଆସିବେ ତା ପୂଜା ପାଇବେ
ଦେଇଯିବେ ହସ ଖୁସି ।


କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦


## ଓଡିଶା ଆମ ମାଆ

### ବାବୁଲା ସେଠୀ



ଏଇ ମାଟିରେ ଜନମ ମୋର
ଓଡିଶା ମୋର ମାଆ
କେତେ ସୁନ୍ଦର ଭାଷା ଏହାର
ଓଡ଼ିଆ ତାର ନାଁ ।

କିଏ ଦିଏ ଦେଶ ପାଇଁ ଜୀବନ
କିଏ ରଖେ ଜାତି ପ୍ରାଣ
କିଏ କରୁଥାଏ ଦେଶକୁ ସେବା
କରି ସମରେ ରଣ ।

ଯାହାର କୋଳେ ଜନମ ନେଲେ
ବୀର ପୁତ୍ର ବାଜିରାଉତ
ଫିରିଙ୍ଗି ଆଗେ ଜୀବନ ଦେଲା
ନହୋଇ ତିଳେ ଭୀତ ।

କେତେ ଯେ ବୀର ଜନମ ନେଲେ
ସୁବାଷ ଗୋପବନ୍ଧୁ
ମାଆ ପାଇଁ ସେ ଜୀବନ ଦେଲେ
ଢାଳି ରକତ ବିନ୍ଦୁ ।

ଯାହାର ଜଳ ରକତ ହୋଇ
ବହଇ ଆମ ଶିରେ
ସିଏତ ଆମ ଓଡିଶା ମାଆ
ଭୁଲି ଯିବାନି ବାରେ ।

ରାଇଜ ସାରା ବନରେ ଭରା
ସବୁଜ ସୁନ୍ଦର କ୍ଷେତ
ବାର ମାସରେ ତେର ପରବ
ପାଳୁଛୁ କେତେ ଜାତ ।

ସାଗର ଯାର ଚରଣ ଛୁଏଁ
ଲହରୀ ତାଳେ ତାଳେ
ଆମ ଦେବତା ଜଗତ ନାଥ
ଦେଖୁଛି ନୀଳାଚଳେ ।

କୋଣାର୍କ ଯାର ବିଶ୍ୱେ ବିଖ୍ୟାତ
ଉତ୍କଳ ତାର ନାଁ
କେତେ ସୁନ୍ଦର କଳା ଏହାର
ଓଡିଶା ଆମ ମାଆ ।

କାରୁକାର୍ଯ୍ୟରେ ଭରା ଏ ମାଟି
ଜଗତେ ବନ୍ଦନୀୟା
ପୁଣ୍ୟପବିତ୍ର ମାଟି ଯାହାର
ଓଡିଶା ତାର ନାଁ
ଏଇ ମାଟି ଆମରି ମାଆ ।


ଅରଖପୁର, ପୁରୁଷୋତ୍ତମପୁର,
ଗଞ୍ଜାମ

# ଓଜନ କମାଇବାରେ ବ୍ୟସ୍ତ ଅଛନ୍ତି ପରିଣୀତି



ପ୍ରଖ୍ୟାତ ପଞ୍ଜାବୀ ଗାୟକ ସ୍ୱର୍ଗତ ଅମର ସିଂହ ଚମକିଲାଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମରେ ଅଭିନେତ୍ରୀ ପରିଣୀତା ଚୋପ୍ରାଙ୍କୁ ଦେଖିବାକୁ ମିଳିବ। ଏହି ସିନେମାରେ ଚମକିଲାଙ୍କ ଭୂମିକାରେ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ରହିଥିବା ବେଳେ ଚମକିଲାଙ୍କ ପତ୍ନୀ ଅମରଜୋତ କୌରଙ୍କ ଚରିତ୍ରରେ ପରିଣୀତ ଅଭିନୟ କରିଛନ୍ତି। ଇମତିୟାଜ ଅଲୀ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ନିଜର ଭୂମିକାକୁ ଜୀବନ୍ତ କରିବା ଲାଗି ପରିଣୀତିଙ୍କୁ ୧୫ କିଲୋଗ୍ରାମ୍ ଓଜନ ବଢ଼ାଇବାକୁ ପଡ଼ିଥିଲା। ଚଳଚ୍ଚିତ୍ରଟିର ସୁଟିଂ ସରିଲା ପରେ ସେ ଏବେ ଓଜନ କମାଇ ନିଜର ପୂର୍ବାବସ୍ଥା ଫେରି ପାଇବା ଲାଗି ନିୟମିତ ବ୍ୟାୟାମଶାଳା ଯାଇ କସରତ କରୁଛନ୍ତି। ନିକଟରେ ନିଜର ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ସେ ବ୍ୟାୟାମ କରୁଥିବାର ଏକ ଭିଡିଓ ଛାଡ଼ି ତାହା ସ୍ପଷ୍ଟ କରିଛନ୍ତି। ଏଥି ସହିତ ଉକ୍ତ ଫିଲ୍ମରେ ସଂଗୀତ ନିର୍ଦ୍ଦେଶନା ଦେଇଥିବା ଏ. ଆର. ରେହମାନଙ୍କ ଷ୍ଟୁଡିଓରେ କଣ୍ଠଦାନ କରିବାରେ ଛଅ ମାସ କାଳ ବ୍ୟସ୍ତ ଥିଲେ ବୋଲି ପରିଣୀତି ପ୍ରକାଶ କରିଛନ୍ତି। ଷ୍ଟୁଡିଓରୁ କଣ୍ଠଦାନ କରି ଫେରିଲା ପରେ ଘରେ ଫାଷ୍ଟ୍ ଫୁଡ୍ ଖାଇ ସେ ନିଜ ଓଜନ ବଢ଼ାଇବେରେ ଲାଗି ପଡ଼ିଥିଲେ। ସେହି ଦିନତକ ତାଙ୍କର ଦୈନନ୍ଦିନ ଜୀବନରେ 'ସଂଗୀତ ଓ ଖାଦ୍ୟ' ମୁଖ୍ୟ କାରବାର ଥିଲା ବୋଲି ସେ କହିଛନ୍ତି। ଫିଲ୍ମଟିର ସୁଟିଂ ଓ ଅନ୍ୟାନ୍ୟ କାମ ସରିଯାଇଥିବାରୁ ସେ ଏବେ ଓଜନ କମାଇବାକୁ କଠିନ ପରିଶ୍ରମ କରୁଛନ୍ତି। ସୂଚନାଯୋଗ୍ୟ, ଶେଷ ଥର ପାଇଁ ପରିଣୀତିଙ୍କୁ ଅକ୍ଷୟ କୁମାର ଅଭିନୀତ ସିନେମା 'ମିସନ୍ ରାଣୀଗଞ୍ଜ'ରେ ଦେଖିବାକୁ ମିଳିଥିଲା।

# 'ଦିୟା ଔର ବାତି ହମ୍' ପରି ଲୋକପ୍ରିୟ ସୋ'ରେ କାମ କରି ମଧ କାହିଁକି ଆଗକୁ ବଢ଼ି ପାରିଲେନି ସଂଧା

ଷ୍ଟାରପ୍ଲସ୍‌ରେ ପ୍ରସାରିତ 'ଦିୟା ଔର ବାତି ହମ୍' ଧାରାବାହିକ ଯଦି ଆପଣ ଦେଖିଥିବେ ତ ସଂଧ୍ୟା ବିନ୍ଧଣୀଙ୍କ ଚରିତ୍ରକୁ କେବେ ଭୁଲିପାରିବେ ନାହିଁ। ୨୦୧୧ରେ ପ୍ରସାରିତ ହୋଇଥିବା ଏହି ଧାରାବାହିକଟି ପରେ ଟେଲି ଅଭିନେତ୍ରୀ ଦୀପିକା ସିଂହଙ୍କ ନାମ ସଂଧ୍ୟା ହୋଇଗଲା। ଲୋକେ ତାଙ୍କୁ ସଂଧ୍ୟା ନାମରେ ଜାଣିବାକୁ ଲାଗିଲେ।

କିନ୍ତୁ ଏହି ସୋ ପରେ ଅଭିନେତ୍ରୀ ଅଧିକ କାମ କରିନଥିଲେ। ତାହାର କାରଣ କ'ଣ ଅଧିକାଂଶ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଥିବ ନିଶ୍ଚୟ। ନିକଟରେ ଦୀପିକା କହିଛନ୍ତି, ''ଏଭଳି ସଫଳ ସୋ'ର ଅଂଶ ହୋଇଥିଲେ ମଧ ପରବର୍ତ୍ତୀ ସମୟରେ ମୋତେ ବହୁତ ଭଲ ଏବଂ ଆକର୍ଷଣୀୟ ଅଫର ମିଳି ନଥିଲା। ମୋ ନିକଟକୁ କାହିଁକି ଭଲ କାମ ଆସିଲା ନାହିଁ ମୁଁ ଜାଣେନା। କିନ୍ତୁ ମୋର ଚଳଚ୍ଚିତ୍ର 'ଟିଟୁ ଅମ୍ବାନୀ' ମୁକ୍ତିଲାଭ କରିଥିଲା। ହେଲେ ତାହାକୁ ବି ବିଶେଷ ସଫଳତା ମିଳିଲା ନାହିଁ। ଦୀପିକା ସିଂ ଏକ ସାକ୍ଷାତକାରରେ କହିଛନ୍ତି ଯେ ''ମୁଁ କାମ ପାଇଁ ଲୋକଙ୍କ ସହ ଯୋଗାଯୋଗ କରିବାରେ ସେତେ ଭଲ ନୁହେଁ। ଭଲ ନେଟୱାର୍କ କିପରି ସୃଷ୍ଟି କରାଯାଏ ମୁଁ ଜାଣେନା। ମୋତେ ଅନେକ ଟିଭି ସୋ'ର ଅଫର୍ ମିଳିଛି। ହେଲେ ଭୂମିକା ସେତେଟା ଭଲ ନ ଥିବାରୁ ମୁଁ ଗ୍ରହଣ କରିନାହିଁ।'' ଅଭିନେତ୍ରୀ ଆହୁରି ବି କହିଛନ୍ତି ଯେ ଦୈନିକ ସୋ'ରେ କାମ କରିବା ଏତେ ସହଜ ନୁହେଁ। 'ସୁଟିଂ ସକାଳ ୭ ଟାରୁ ଆରମ୍ଭ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ବେଳେବେଳେ ଏହାଠାରୁ ଅଧିକ ସମୟ ବି ନେଇଥାଏ। 'ଦିୟା ଔର ବାତି ହମ୍' ସେ ସମୟରେ ୫ ବର୍ଷ ପର୍ଯ୍ୟନ୍ତ ଚାଲିଲା। ମୁଁ ମାନସିକ ଓ ଶାରୀରିକ ଭାବେ କ୍ଲାନ୍ତ ହୋଇ ଯାଇଥିଲି। ମୋ ପରିବାର ପାଇଁ ମୋ ପାଖରେ ସମୟ ନଥିଲା।



# 'ଆନିମଲ' ଦେଖିବା ପରେ ବବିଙ୍କୁ ଖୁବ୍ ଗାଳି କରିଥିଲେ ମାଆ ପ୍ରକାଶ, କହିଲେ-ଏଭଳି ଫିଲ୍ମ କର ନାହିଁ...

ଫିଲ୍ମ 'ଆନିମଲ' ବକ୍ସ ଅଫିସରେ ଧମାଲ କରୁଛି। ଫିଲ୍ମ ରିଲିଜ ହେବାର ୬ ଦିନ ମଧ୍ୟରେ ୩୦୦ କୋଟି ଟଙ୍କା ଅତିକ୍ରମ କରିଛି। ରଣବୀର କପୁରଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ବବି ଦେଓଲଙ୍କ ଭୂମିକାକୁ ପ୍ରଶଂସା କରାଯାଉଛି। ଏହି ଚଳଚ୍ଚିତ୍ରରେ ଜଣେ ଭିଲେନ୍ ଭୂମିକାରେ ଅଭିନୟ କରିବା ସତ୍ତ୍ୱେ ତାଙ୍କର ଦମ୍‌ଦାର ଅଭିନୟ ସମସ୍ତଙ୍କୁ ପ୍ରଭାବିତ କରିଛି। ଏକ ସାକ୍ଷାତକାର ସମୟରେ ବବି ଦେଓଲ ପ୍ରକାଶ କରିଛନ୍ତି ଯେ ଯେତେବେଳେ ତାଙ୍କ ମାଆ 'ଆନିମଲ' ଦେଖିଲେ କିପରି ଥିଲା ରିଆକ୍ସନ। 'ଆନିମଲ'ରେ ବବିଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଉଛି । ଏହି ଚଳଚ୍ଚିତ୍ରରେ ଅଭିନେତାଙ୍କ ଭୂମିକା ବହୁତ ଛୋଟ, ତଥାପି ଦର୍ଶକଙ୍କ ହୃଦୟରେ ଏକ ସ୍ଥାନ ସୃଷ୍ଟି କରିଛନ୍ତି । ସାକ୍ଷାତକାର ସମୟରେ ବବି ପ୍ରକାଶ କରିଛନ୍ତି ଯେ 'ଆନିମଲ' ଫିଲ୍ମରେ ତାଙ୍କର ମୃତ୍ୟୁ ସିନ୍‌କୁ ଦେଖିବା ପରେ ତାଙ୍କ ମାଆ ଚଳଚ୍ଚିତ୍ର ନକରିବାକୁ କହିଥିଲେ। ତାଙ୍କ ମାଆ ପ୍ରକାଶ କହିଛନ୍ତି ମୁଁ ଏଭଳି ଫିଲ୍ମ ଦେଖି ପାରିବି ନାହିଁ । ଏହା ଉପରେ ବବି ତାଙ୍କ ମାଆଙ୍କୁ ବୁଝାଇଥିଲେ ଏହା ଫିଲ୍ମର ଏକ ସିନ୍ ସେ ଠିକ୍ ତାଙ୍କ ସାମ୍ନାରେ ଛିଡା ହୋଇଛନ୍ତି। ବବି ଆହୁରି ମଧ କହିଛନ୍ତି ଯେ ଆନିମଲରେ ତାଙ୍କ ଅଭିନୟ ଦେଖି ତାଙ୍କ ମା ମଧ ବହୁତ ଖୁସି ଅଛନ୍ତି। କହିବାକୁ ଗଲେ ଯେ 'ଆନିମଲ' ଦର୍ଶକଙ୍କ ଠାରୁ ଜବରଦସ୍ତ ଭଲ ପାଇବା ପାଉଛି। ଫିଲ୍ମଟି ବକ୍ସ ଅଫିସରେ ହଇଚଇ ସୃଷ୍ଟି କରୁଛି। ଫିଲ୍ମର କଲେକସନ୍ ବିଷୟରେ କହିବାକୁ ଗଲେ 'ଆନିମଲ' ରିଲିଜ୍ ହେବାର ମାତ୍ର ୬ ଦିନ ମଧ୍ୟରେ ୩୦୦ କୋଟିରୁ ଅଧିକ ଟଙ୍କା କଲେକସନ୍ କରିଛି। ଏହା ସହିତ ଏହି ଚଳଚ୍ଚିତ୍ରଟି ଶାହାରୁଖ ଖାନଙ୍କ ପଠାନ ଏବଂ ଜୱାନ କଲେକସନର ରେକର୍ଡକୁ ମଧ ଭାଙ୍ଗି ଦେଇଛି । ଏହି ଫିଲ୍ମ ବର୍ତ୍ତମାନ ୪୦୦ କୋଟି ଟଙ୍କା ଆଡକୁ ଗତି କରୁଛି।




# ଗୋଟିଏ ସିନ୍ କରିଦେଲା ଫେମସ୍, କିଏ ଏହି ଅଭିନେତ୍ରୀ ତ୍ରିପ୍ତି ଡିମ୍ରି ?

ରଣବୀର କପୁର ଏବଂ ବବି ଦେଓଲଙ୍କ ଫିଲ୍ମ 'ଆନିମଲ୍' । ବକ୍ସ ଅଫିସରେ ଏବେ କରିଛି ହଲ୍ଲାବୋଲ୍ । ରିଲିଜ୍‌ର କିଛି ଦିନରେ ହିଁ ଧୁମ୍ ମଚାଉଛି ରଣବୀରଙ୍କର ଫିଲ୍ମ । ଫିଲ୍ମରେ ରଣବୀରଙ୍କ ୱାଇଲ୍ଡ ଚରିତ୍ର ସମସ୍ତଙ୍କୁ କରିଛି କ୍ରେଜ୍ । କିନ୍ତୁ ଏହାରି ମଧ୍ୟରେ ଗୋଟିଏ ନାଁ ସାମ୍ନାକୁ ଆସୁଛି । ଯାହା ଏବେ ପାଲଟିଛି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ।

ଖାସ୍ କଥା ହେଉଛି ଫିଲ୍ମର କେନ୍ଦ୍ର ପାଲଟିଛି ଏକ କ୍ଷୁଦ୍ର ଭୂମିକାରେ ନଜର ଆସିଥିବା ଜଣେ ଅଭିନେତ୍ରୀ । ତେବେ କିଏ ଏହି ଅଭିନେତ୍ରୀ ଏକ ଛୋଟ ଭୂମିକାରେ ଅଭିନୟ କରିଥିବା ଏହି ଅଭିନେତ୍ରୀ କାହିଁକି ଚର୍ଚ୍ଚାରେ ? ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ତ୍ରିପ୍ତୀ ଡିମ୍ରି। ସେ ତାଙ୍କ ଅଭିନୟ ପାଇଁ ଆସିଛନ୍ତି ଲାଇମଲାଟକୁ । ଗୋଟିଏ ସିନ୍ ହିଁ କରିଦେଇଛି ତାଙ୍କୁ ବଡ଼ ଷ୍ଟାର ।


ଫିଲ୍ମ 'ଆନିମଲ' ରେ ରଣବୀର କପୁରଙ୍କ ସହ ତ୍ରିପ୍ତୀଙ୍କର ରହିଛି ଏକ ସିନ୍ । ଯାହା ଖୁବ୍ ଲୋକପ୍ରିୟ ହୋଇପାରିଛି । ଏହି ସିନରେ ରଣବୀର ଏବଂ ତ୍ରିପ୍ତୀ ଡିମ୍ରି ଏକାଠି ନଜର ଆସିଛନ୍ତି । ଫିଲ୍ମରେ ରଣବୀରଙ୍କ ସହ ତ୍ରିପ୍ତୀଙ୍କ ରହିଛି ଏକ୍ସଟ୍ରା ମ୍ୟାରେଟିଆଲ ଆଫେୟାର । ଆଉ ଏହି ସିନ୍ ହିଁ ହୋଇଛି ଲୋକପ୍ରିୟ । ଆଉ ଏହାପରେ ହିଁ ତ୍ରିପ୍ତୀଙ୍କର ବଢ଼ି ଚାଲିଛି ଲୋକପ୍ରିୟତା।

ତ୍ରିପ୍ତୀଙ୍କର ବୟସ ହେଉଛି ୨୯ ବର୍ଷ । ସେ ନୂଆଦିଲ୍ଲୀରେ ଜନ୍ମ ଗ୍ରହଣ କରିଥିଲେ । ଏହି ଅଭିନେତ୍ରୀ ୨୦୧୭ ମସିହାରେ ପ୍ରଥମ ଥର ପାଇଁ 'ମମ୍' ଫିଲ୍ମରେ ଆସିଥିଲେ ନଜର । ଏହା ପରେ ସେ ସନ୍ନି ଦେଓଲ ଏବଂ ବବିଙ୍କ ସହ 'ପୋଷ୍ଟର ବଏ'ରେ ମଧ ନଜର ଆସିଥିଲେ । ଏହା ପରେ ସେ ଇମତିଆଜ ଅଲିଙ୍କ ଫିଲ୍ମ 'ଲୈଲା ମଜନୁ'ରୁ ଆସିଥିଲେ ଚର୍ଚ୍ଚାକୁ । କିନ୍ତୁ ରଣବୀରଙ୍କ ଫିଲ୍ମ ଆନିମଲ୍ ତାଙ୍କୁ ବେଶ୍ ଲୋକପ୍ରିୟ କରାଇଛି । ଫିଲ୍ମରେ ତ୍ରିପ୍ତିଙ୍କ ଆକ୍ଟିଙ୍ଗ ସମସ୍ତଙ୍କ ମନ କିଣି ନେଇଛି । ଏବେ ଦିନକୁ ଦିନ ବଢିବାରେ ଲାଗିଛି ତାଙ୍କର ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଫ୍ୟାନ୍ସଙ୍କ ସଂଖ୍ୟା । ଅର୍ଥାତ୍ ଇନଷ୍ଟାଗ୍ରାମରେ ଧିରେ ଧିରେ ବଢ଼ିବାରେ ଲାଗିଛି ଫଲୋର୍ସଙ୍କ ସଂଖ୍ୟା । ତେବେ ଫିଲ୍ମ କଥା କହିବାକୁ ଗଲେ ରିଲିଜ୍ର ମାତ୍ର ୫ ଦିନରେ ମୋଟ ୧୩୧ କୋଟି ଆୟ କଲାଣି ଫିଲ୍ମ ।



# ଖିଲାଡି କୁମାର ପୂରା କଲେ ପ୍ରତିଶୃତି: ଆଉ କରିବେନି ପାନ୍ ମସଲାରେ ବିଜ୍ଞାପନ

ବଲିଉଡ ଅଭିନେତା ଅକ୍ଷୟ କୁମାର । ତାଙ୍କ ପାନ ମସାଲା ବିଜ୍ଞାପନକୁ ନେଇ ଅନେକ ବିବାଦରେ ଥିଲେ । ଲୋକପ୍ରିୟ ତମାଖୁ ବ୍ରାଣ୍ଡ ବିମଲ ପାଇଁ ବିଜ୍ଞାପନରେ ତାଙ୍କ ନାମ ସାମିଲ ହେବା ପରେ ୟୁଜର୍ସମାନେ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରିବା ଆରମ୍ଭ କରିଥିଲେ। ଏହି କାରଣରୁ, ତାଙ୍କର ଅନେକ ଚଳଚ୍ଚିତ୍ର ଗତ ବର୍ଷ ଭଲ ପ୍ରଦର୍ଶନ କରି ନଥିଲା । ଏହା ପରେ ଅଭିନେତା ନିଜେ କ୍ଷମା ମାଗି କହିଛନ୍ତି ଯେ ସେ ନିଜକୁ ପାନ୍ ମସାଲା ବ୍ରାଣ୍ଡରୁ ଅଲଗା କରୁଛନ୍ତି। ବର୍ତ୍ତମାନ ସେ ଶେଷରେ ଏଥିରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିଛନ୍ତି । ଆଜ୍ଞା ହଁ ଅକ୍ଷୟ କୁମାର ବିମଲ ଇଲାଚିର ବିଜ୍ଞାପନରେ କେବେବି ଦେଖାଯିବେ ନାହିଁ। ଏଥିରୁ ସ୍ପଷ୍ଟ ହୋଇଛି ଯେ ବର୍ତ୍ତମାନ ତାଙ୍କ ଚେହେରା ସଂପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି। କେବଳ ଅନ୍ୟ ଦୁଇଜଣ ସେଲିବ୍ରିଟି ଯଥା ଶାହାରୁଖ ଏବଂ ଅଜୟଙ୍କୁ ଦେଖିବାକୁ ମିଳିବ। ଟ୍ରୋଲ ହେବା ପରେ ଅଭିନେତା କ୍ଷମା ମାଗିଥିଲେ। ସେ କହିଥିଲେ ଯେ ସେ ଏହି ବ୍ରାଣ୍ଡରୁ ଅଲଗା ହୋଇଛନ୍ତି କିନ୍ତୁ ଚୁକ୍ତିନାମା ଶେଷ ପର୍ଯ୍ୟନ୍ତ ବିଜ୍ଞାପନ ପ୍ରଦର୍ଶିତ ହେବ। ସତର୍କ ରହିବାକୁ ଅଭିନେତା ପ୍ରତିଶୃତି ଦେଇଥିଲେ। ଏଭଳି ପରିସ୍ଥିତିରେ, ବର୍ତ୍ତମାନ ସେହି ଅବଧି ସମାପ୍ତ ହୋଇଛି, ଖିଲାଡି କୁମାରଙ୍କୁ ଏହି ବିଜ୍ଞାପନରେ ଆଉ ଦେଖାଯିବ ନାହିଁ ।



# ଯାତ୍ରା ଜଗତକୁ ଭଦ୍ରକ ଜିଲ୍ଲାର ଅବଦାନ

ଓଡିଶାର ଯାତ୍ରା ଜଗତକୁ ଭଦ୍ରକ ଜିଲ୍ଲାର ଅବଦାନ ଅନେକ ଏବଂ ଖୁବ ଗୁରୁତ୍ୱପୂର୍ଣ୍ଣ । ଅନେକ ସୁନ୍ଦର ଓ ମନଛୁଆଁ ନାଟକ ତିଆରି ହୋଇଛି ଏହି ଜିଲ୍ଲା ରେ ଓ ଅନେକ ନାଟ୍ୟକାର ଓ ନିର୍ଦ୍ଦେଶକ ନାଟକକୁ ସଫଳ କରିବା ପାଇଁ ଚେଷ୍ଟା କରିଛନ୍ତି । ଯଶସ୍ୱୀ ନାଟ୍ୟକାର ରଘୁନାଥ ପଣ୍ଡା, ଶ୍ୟାମ ସୁନ୍ଦର ମହାପାତ୍ର, ପଲ୍ଲୀ କବି ନାଟ୍ୟକାର କୃଷ୍ଣ ପ୍ରସାଦ ବେହେରା, ଉମାକାନ୍ତ ବେହେରା, କାହ୍ନୁ ଚରଣ ନାୟକ, ଡ଼କ୍ଟର ସୁଧାଂଶୁ ନାୟକ,ଅରୁଣ ବାରିକ, କାଳନ୍ଦୀ ମଲିକ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଅନେକ ନାଟ୍ୟକାର ମନଛୁଆଁ ନାଟକ ଲେଖି ସଫଳତା ଲାଭ କରିଛନ୍ତି । ସେହିପରି ଯେଉଁ କଳାକାର ମାନେ ଏହି ଜିଲ୍ଲାର ଜନ୍ମଲାଭ କରି ସୁନ୍ଦର ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଆକର୍ଷିତ କରିଛନ୍ତି ସେମାନେ ହେଲେ ବରିଷ୍ଠ ଅଭିନେତା ଦୀନବନ୍ଧୁ ମାଟିଆ, ଖଗେନ୍ଦ୍ର ପ୍ରସାଦ ବାରିକ,ଦେବ ମଲିକ, ଗୟାଧର ମଲ୍ଲିକ, ଅନନ୍ତ ବାରିକ, ଯଦୁ ଖିଲାର, ଭାସ୍କର ମହାନ୍ତି, ଲତା ମଣ୍ଡଳ, ଅମରେନ୍ଦ୍ର ପଣ୍ଡା, ରାଜୁ କୁଅଁର, ଉମାକାନ୍ତ ପାଣିଗ୍ରାହୀ, ଡଲି ଭୂୟାଁ, ସୁରେଶ ପଣ୍ଡା, ପ୍ରଭାସ ମହାପାତ୍ର, ରମାକାନ୍ତ ରାଉତ,ନରି ପଣ୍ଡା, ବ୍ରଜ ପାଣି, ସୁରେନ୍ଦ୍ର ରାଉତ, ଅଭୟ ସାମଲ, ଅକ୍ଷୟ ମହାରଣା, ରାଜୁ, ରୀନା, କାବେରୀ, ମାମା,କାହ୍ନା, ଟିକି, ସୁବାସ ବେହେରା, ବିନୋଦ ନାଥ ଓ ଆହୁରି ଅନେକ । ସେହିପରି ସୁନ୍ଦର ତବଲା ବଜାଉଥିଲେ ଦକ୍ଷ ବାଦ୍ୟକାର ଜୀବନ ମଣ୍ଡଳ। ଅନେକ ବାଦ୍ୟକାର, ନିର୍ଦ୍ଦେଶକ, କଳାକାର ଅଛନ୍ତି।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ,
ବାସୁଦେବପୁର, ଭଦ୍ରକ,
ମୋ:୯୯୩୭୯୭୬୩୫୧

# 'ଦ ଗାର୍ଲଫ୍ରେଣ୍ଡ'ର ସୁଟିଂ ଆରମ୍ଭ କଲେ ରଶ୍ମିକା

ବଡ଼ ପରଦାରେ ଧମାଲ କରୁଛି 'ଆନିମଲ' । କେବଳ ଭାରତ ନୁହେଁ ବିଦେଶରେ ମଧ ଏହି ଫିଲ୍ମ ବେଶ୍ ଭଲ ପ୍ରଦର୍ଶନ କରିଛି। ରିଲିଜ୍ ହେବାର ମାତ୍ର ୩ ଦିନରେ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ୩୪୦ କୋଟିରୁ ଉର୍ଦ୍ଧ ଟଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି । ଫିଲ୍ମରେ ରଣବୀର କପୁରଙ୍କ ସହ ରଶ୍ମିକା ମନ୍ଦାନାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଫିଲ୍ମର ସଫଳତାକୁ ନେଇ ରଶ୍ମିକା ବେଶ୍ ଖୁସି ଅଛନ୍ତି। ରଶ୍ମିକା ଏବେ ତାଙ୍କ ଆଗାମୀ ଫିଲ୍ମ 'ଦ ଗାର୍ଲଫ୍ରେଣ୍ଡ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେ ଆସନ୍ତା ୨୦ ଦିନ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଏହାର ସୁଟିଂ କରିବେ। ଏହା ରଶ୍ମିକାଙ୍କ ସାତ ବର୍ଷର କ୍ୟାରିୟରର ୨୪ତମ ଫିଲ୍ମ ହେବ। ରାହୁଲ ରବୀନ୍ଦ୍ରନ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଅଲ୍ଲୁ ଅରବିନ୍ଦଙ୍କ ଗୀତା ଆର୍ଟସ୍ ଏହାର ନିର୍ମାଣ ଦାୟିତ୍ୱରେ ଅଛନ୍ତି। ନିକଟରେ ରଶ୍ମିକା 'ଦ ଗାର୍ଲଫ୍ରେଣ୍ଡ' ଫିଲ୍ମର ତାଙ୍କର ଫାଷ୍ଟଲୁକ୍ ସେୟାର କରିଥିଲେ। ଏହାବାଦ୍ ରଶ୍ମିକା 'ରେନ୍‌ବୋ', 'ଡି ୫୧', 'ପୁଷ୍ପା: ଦ ରୁଲ୍' ଆଦି ଫିଲ୍ମଗୁଡ଼ିକରେ ମଧ ଅଭିନୟ କରୁଛନ୍ତି।



# ଅଭିନେତ୍ରୀ ରାଣୀ ମୁଖାର୍ଜୀ 'ମର୍ଦ୍ଦାନି-୩' ସିନେମାକୁ ନେଇ ଚର୍ଚ୍ଚା



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରାଣୀ ମୁଖାର୍ଜୀ 'ମର୍ଦ୍ଦାନି-୩' ସିନେମାକୁ ନେଇ ଚର୍ଚ୍ଚାରେ ରହିଥିଲେ। ତେବେ ଏବେ ଏହି ସିନେମାରେ କାମ କରିବା ପାଇଁ ରାଣୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଜଣାପଡ଼ିଛି। ସେ ଏହି ସିନେମା ସୁଟିଂ ୨୦୨୪ରେ ଆରମ୍ଭ କରିବେ। ଏହାବାଦ୍ ଏବେ ଫିଲ୍ମ ପାଇଁ ଅନ୍ୟ କଳାକାରଙ୍କ ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏକ ସାକ୍ଷାତକାରରେ ରାଣୀ 'ମର୍ଦ୍ଦାନି-୩'ରେ କାମ କରିବା ନେଇ ସେ ତାଙ୍କ ଇଚ୍ଛା ଜାହିର କରିଥିଲେ। ତେବେ ସିନେମାର କାହାଣୀ ଉପରେ ତାଙ୍କ କାମ ନିର୍ଭର କରେ ବୋଲି ସେ କହିଥିଲେ। କାରଣ କାହାଣୀ ଭଲ ଥିଲେ ହିଁ ଏଥିରେ ଅଭିନୟ କରିବେ ବୋଲି ପୂର୍ବରୁ ସେ କହିଥିଲେ। ତେଣୁ ଏବେ ସିନେମାର କାହାଣୀ ତାଙ୍କୁ ଭଲ ଲାଗିଥିବା କୁହାଯାଉଛି। ଯେଉଁଥିପାଇଁ ସେ ସିନେମାରେ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ




ନୀଳଗିରି , ୦୭/୧୨ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦର ମହକୁମା ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଓ ଜିଲ୍ଲା ସାମାଜିକ ସୁରକ୍ଷା ସଶକ୍ତିକରଣ ବିଭାଗ ବାଲେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେମୋଟ ୩୨୫ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ସ୍ଥାନୀୟ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପଞ୍ଜୀକୃତ ବ୍ୟକ୍ତି ମାନଙ୍କର ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇଥିଲା। ସେଥି ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୧୮୦ଜଣଙ୍କୁ ବିଭାଗୀୟ ଚିକିତ୍ସକ ଶିବାନନ୍ଦ ରଥ, ୫୩ଜଣ ଚକ୍ଷୁ ରୋଗୀଙ୍କୁ ଚକ୍ଷୁରୋଗ ବିଶେଷଜ୍ଞ ଡଃ ସୁଜିତ ନାରାୟଣ ମହାପାତ୍ର, ୮୩ଜଣ କର୍ଣ୍ଣ, ନାସା, ଓ ଗଳା ରୋଗୀଙ୍କୁ ଇ.ଏନ.ଟି ବିଶେଷଜ୍ଞ ଡଃ ଗିରିଜା ମହାନ୍ତ ଏବଂ ୪୫ଜଣ ମାନସିକ ଅନଗ୍ରସର ବର୍ଗର ରୋଗୀଙ୍କୁ ଡଃ ଜିତେନ ସରେନ ପରୀକ୍ଷା ନିରୀକ୍ଷା କରି ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟାରେ ସାମିଲ ଥିଲେ। ଏ ସମସ୍ତ ଭିନ୍ନକ୍ଷମ ମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାଙ୍କ, ପରିବହନ ବିଭାଗ ସହିତ ଦକ୍ଷତା ବିକାଶ ଯୋଜନାରେ ଦରଖାସ୍ତ ନିମନ୍ତେ କାଉଣ୍ଟର ମାନ ବ୍ୟବସ୍ଥା ହୋଇଥିଲା। ଏହି ଶିବିରରେ ୧୯ଜଣ ଭିନ୍ନକ୍ଷମ ବସ ଏବଂ ରେଳରେ ଯାତାୟାତ ନିମିତ୍ତ ପାଶ ପାଇଁ ଆବେଦନ କରିଥିବା ଜଣାପଡିଛି। ଏହି ଶିବିରକୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ଅଧିକାରୀ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ମାନେ ଯୋଗ ଦେଇଥିଲେ।

# ରାଜ୍ୟ ସରକାରଙ୍କ ମୋ ସେବା କେନ୍ଦ୍ର ସମୂହକୁ ବଦନାମ କରିବା ଉଦ୍ୟମକୁ ନିନ୍ଦା

କେନ୍ଦ୍ରାପଡ଼ା, ୦୭/୧୨ (ନି.ପ୍ର): ରାଜ୍ୟର ୩୦ଟି ଜିଲ୍ଲାରେ ଜନସାଧାରଣଙ୍କ ନିକଟରେ ଇନଟରନେଟ୍ ସେବା ପହଁଚାଇବା ପାଇଁ ସହଜ ଓ ସରଳ ଭାବରେ ରାଜ୍ୟ ସରକାରଙ୍କ ୫ଟି ଅଧିନରେ ମୋ ସେବା କେନ୍ଦ୍ର ପ୍ରତ୍ୟେକ ପଂଚାୟତରେ ଖୋଲିବା ପ୍ରୟାସ ଏବେ କେନ୍ଦ୍ରାପଡା ଜିଲ୍ଲାରେ ସଫଳ ହୋଇ ପାରିଛି। ସହଜ ସଂସ୍ଥା ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାର ୯ଟି ବ୍ଲକରେ ଥିବା ୨୪୯ ପଂଚାୟତ, କେନ୍ଦ୍ରାପଡା ମୁନିସିପାଲିଟିର ୨୧ଟି ୱାର୍ଡ ଓ ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ୨୦ଟି ୱାର୍ଡରେ ମୋଟ୍ ୨୮୧ଟି ମୋ ସେବା କେନ୍ଦ୍ର ସ୍ଥାପିତ ହୋଇ ସଫଳତାର ସହ କାର୍ଯ୍ୟ କରୁଅଛି। ଇତି ମଧ୍ୟରେ ମୋ ସେବା କେନ୍ଦ୍ରର ଭିଏଲଇମାନେ ଗଗୁଆର ଏକ ମଣ୍ଡପରେ ଏକତ୍ରିତ ହୋଇ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆଇଟି ବିଭାଗ ଡିଜିଏମ୍ ଜ୍ଞାନ ରଂଜନ ସେଠୀ ଓ ସହଜ ପକ୍ଷରୁ ଦାୟୀତ୍ୱରେ ଥିବା ଡିଏମ୍ ହମଦ କୁମାର ପାତ୍ରଙ୍କୁ ଅତିଥି ଭାବରେ ଆମନ୍ତ୍ରୀତ କରି ଭିଭିନ୍ନ ସମସ୍ୟା ଉପରେ ଆଲୋକପାତ୍ କରିଥିଲେ। ବିଶେଷ କରି ସରକାରଙ୍କ ନିଷ୍ପତି କ୍ରମେ ପ୍ରତ୍ୟେକ ପଂଚାୟତରେ ମୋ ସେବା କେନ୍ଦ୍ର ଖୋଲିବା, ବାହାର ପୋର୍ଟାଲରେ କୌଣସି ସର୍ଭିସ ନଦେଇ ରାଜ୍ୟ ସରକାରଙ୍କ ସମସ୍ତ ସର୍ଭିସ ଓଡ଼ିଶା ୱାନ ପୋର୍ଟାଲରେ ଦେବା, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ମ୍ୟୁଟେସନ, କନଭରସନ ଆଦି କେତେକ ସର୍ଭିସକୁ ପୁନଃପ୍ରଚଳନ କରାଇବା, ନୂତନ ଲେବର କାର୍ଡ ଓ ଲେବର କାର୍ଡ ରିନ୍ୟୁଆଲ ଆବେଦନକୁ ଧାର୍ଯ୍ୟ ସମୟରେ ଅନୁମୋଦନ କରିବା ଆଦି ଆଲୋଚନା କରାଯାଇଥିଲା। ଏହି ସବୁ ସମସ୍ୟାକୁ ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇ ସମାଧାନ କରିବାକୁ ପଦସ୍ଥ ଅଧିକାରୀ ପ୍ରତିଶୃତି ଦେଇଥିଲେ। ରାଜନୈତିକ ସ୍ୱାର୍ଥକୁ ଆଖି ଆଗରେ ରଖି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜନିଜ ଢଙ୍ଗରେ କମ୍ପୁଟର ପକାଇ ମୋ ସେବା କେନ୍ଦ୍ର ନାଁରେ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ବାଟବଣା କରିବା ଓ ବିରୋଧ କରୁଥିବା ଏବେ ନଜରକୁ ଆସିଛି। ତେବେ ରାଜ୍ୟ ସରକାରଙ୍କ ଏହି ସେବାଭିତିକ କାର୍ଯ୍ୟକ୍ରମକୁ ସଫଳ କରିବା ଓ ମୋ ସେବା କେନ୍ଦ୍ର କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଯୋଜନାକୁ ପ୍ରତିହତ କରିବା ପାଇଁ ଏବେ କେନ୍ଦ୍ରାପଡା ଜିଲ୍ଲାରେ ସମସ୍ତ ଭିଏଲଇମାନଙ୍କୁ ନେଇ ମୋ ସେବା କେନ୍ଦ୍ର ସଂଗଠନ ସକ୍ରୀୟ ହୋଇ ଉଠିଛି। ସମଗ୍ର ଜିଲ୍ଲାର ୩୩ଜଣିଆ ଏକ ଟିମ୍ ଗଠନ କରାଯାଇଥିବାବେଳେ ଆଗାମୀ ଦିନରେ କେନ୍ଦ୍ରପଡାରେ ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ଭରଚୁଆଲ ବୈଠକ ହୋଇସାରିଛି। ମାତ୍ର ଏକ ଦୈନିକ ଖବରକାଗଜରେ ପଦସ୍ଥ ଅଧିକାରୀଙ୍କ ନାମରେ ଏକ ପ୍ରଯୋଜିତ ଖବର ପ୍ରକାଶ ପାଇଥିବା ନେଇ ଜିଲ୍ଲାର ମୋ ସେବା କେନ୍ଦ୍ର ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଏହି ସଫଳ କାର୍ଯ୍ୟକ୍ରମକୁ ସମସ୍ତ ପଞ୍ଜିକୃତ ମୋ ସେବା କେନ୍ଦ୍ରର ପ୍ରଚାର ପ୍ରସାର କରିବା ସହ ଭିଏଲଇମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସଂଘର ନିଷ୍ପତିକ୍ରମେ ଟିସାର୍ଟ ଓ ବ୍ୟାଚ୍ କରାଯାଇଥିବାବେଳେ କୌଣସି ଅଧିକାରୀମାନଙ୍କ ଏନେଇ ମଧ କୌଣସି ଭୂମିକା ନାହିଁ।

# ଆଇଏମବି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ତରଫରୁ ପ୍ରବନ୍ଧୋତ୍ସବ-୨୦୨୩ ଅନୁଷ୍ଠିତ




ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଆଇଏମବି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ତରଫରୁ ୨୦୨୩-୨୦୨୪ ଶିକ୍ଷାବର୍ଷରେ ଏସଆଇପି କାର୍ଯ୍ୟକ୍ରମ ପ୍ରବନ୍ଧୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଚାଶରୁ ଅଧିକ ମ୍ୟାନେଜମେଣ୍ଟ କଲେଜ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଆଦିତ୍ୟ ବିର୍ଲା ଲାଇଫ ମାନବ ସମ୍ବଳ ମୁଖ୍ୟ ଶିବାଶିଷ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଡକ୍ଟର ଆଦିତ୍ୟ ଦାସ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସଂପାଦକ ରାଜର୍ଷି ଜ୍ଞାନଦର୍ଶୀ ବି ଉପସ୍ଥିତ ଥିଲେ। ଡାଇରେକ୍ଟର ପ୍ରଫେସର ଡକ୍ଟର ତ୍ରିଲୋଚନ ନାୟକ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ରିସର୍ଚ୍ଚର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଛାତ୍ରମାନଙ୍କୁ ତାଙ୍କ ସ୍ୱାଗତ ଭାଷଣରେ କହିଥିଲେ। ମୁଖ୍ୟ ଅତିଥି ଛାତ୍ରମାନଙ୍କୁ କିଛି ନୂଆ ଗବେଷଣା କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନନୀୟ ଅତିଥି ସମାଜ ବିକାଶରେ ରିସର୍ଚ୍ଚର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏମିଟି ବିଶ୍ୱବିଦ୍ୟାଳୟର ଅମିତ ପ୍ରସାଦ ସାହୁଙ୍କୁ ପ୍ରଥମ ପୁରସ୍କାରସ୍ୱରୂପ ଦଶ ହଜାର ଟଙ୍କା, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସତ୍ୟ ପଟ୍ଟନାୟକଙ୍କୁ ଦ୍ୱିତୀୟ ପୁରସ୍କାରସ୍ୱରୂପ ପାଞ୍ଚ ହଜାର ଟଙ୍କା, ସିଆଇଏମଇ କଲେଜର ପ୍ରୀତି ବନ୍ୟାଙ୍କୁ ତୃତୀୟ ପୁରସ୍କାରସ୍ୱରୂପ ଦୁଇ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଫେସର ଅମିତା ପଣ୍ଡା ସଂଯୋଜନା କରିଥିଲେ । ପ୍ରଫେସର ରୋସନି ଦାସ, ପ୍ରଫେସର କୈବଲ୍ୟ ମହାନ୍ତି ଓ ଆଶିର୍ତ୍ତିନି ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଡିନ୍ ପ୍ରଫେସର ଦୀପକ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଆରସିଏମଏସକୁ ୫୪ଲକ୍ଷ ଟଙ୍କା ଜୋରିମାନା: ସମ୍ପାଦକ ସଭାପତିଙ୍କୁ ଜେରା

ଜୟପୁର, ୦୭/୧୨ (ନି.ପ୍ର): ଜୟପୁର ଆଂଚଳିକ ସମବାୟ ମାର୍କେଟିଂ ସମିତି କୁ ୫୪ ଲକ୍ଷ ଟଙ୍କା ଜୋରିମାନା ପଡିଛି। ଏନେଇ ଆଜି ସଭାପତି ଓ ସମ୍ପାଦକଙ୍କୁ ଜେରା କରିଛନ୍ତି ଡିଆରସିଏସ ଭିମସେନ ସାହୁ । ନିୟମିତ ରିଟର୍ଣ୍ଣ ଦାଖଲ କରାଯାଇ ନଥିବାରୁ ଆୟକର ବିଭାଗ ପକ୍ଷରୁ ଜୋରିମାନା ନୋଟିସ ଦିଆଯାଇଥିଲା । ଏନେଇ ଆଜି ତଦନ୍ତ କରିଛନ୍ତି ଡିଆରସିଏସ ଭିମସେନ ସାହୁ । ବୁକସ ଅଫ ଆକାଉଂଟ ମ୍ୟାଂଟେନ ନ କରିବା, ବାର୍ଷିକ ଅଡିଟ ନକରାଇବା, ନିୟମତି ରିଟର୍ଣ୍ଣ ଦାଖଲ ନକରିବା, ବାର୍ଷିକ ଅଡିଟ ନକରିବା ରୁ ଆୟକର ବିଭାଗ ଜୋରିମାନା ଲଗାଇଥିବା ଜଣାଯାଇଛି । ସୁଚନା ଅନୁଯାୟୀ ୨୦୨୧ ମସିହାରେ ଡିଆରସିଏସ କାଯ୍ୟାଳୟର ଏଆରସିଏସ ଦାୟିତ୍ୱରେ ପ୍ରମୋଦ କୁମାର ରାଉତ ଅଛନ୍ତି । ବିଭାଗ ତରଫରୁ ଆରସିଏମଏସର ଭାରପ୍ରାପ୍ତ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା । ୯.୬ .୨୦୨୧ ଠାରୁ ଆଜି ଯାଏ ଏଆରସିଏସ ପ୍ରମୋଦ କୁମାର ରାଉତ ସମ୍ପାଦକ ଦାୟିତ୍ୱ ରେ ଅଛନ୍ତି। ଆରସିଏମଏସ ଜୟପୁର ରେ ଗତ ୨୦୧୪ ରୁ ୨୦୧୯ ମସିହା ଯାଏ ଆୟ କର ବିଭାଗ ଜୋରିମାନା ପକାଯାଇଛି । ଏହି ସମୟ ମଧ୍ୟରେ ଅବ୍ୟବସ୍ଥା ହୋଇଥିବା ଆୟକର ବିଭାଗ ଜାଣିବାକୁ ପାଇଛି । ୨୦୧୪ ମସିହାରୁ ୨୦୧୯ମସିହାରେ ଯାଏ ଯେଉଁ ମାନେ ପରିଚାଳନା ବୋର୍ଡ ସଦସ୍ୟ , ସଭାପତି, ସମ୍ପାଦକ ଥିଲେ ସେ ମାନଙ୍କୁ ଏହି ଘଟଣା ପରିସର ଭୁକ୍ତ କରି ଜେରା କରାଯିବ ବୋଲି ଡିଆରସିଏସ ଭିମ ସେନ ସାହୁ ସୁଚନା ଦେଇଛନ୍ତି। ଏହି ସମୟ ଭିତରେ ଅବ୍ୟବସ୍ଥା ହୋଇଥିବା ଆୟକର ବିଭାଗ ସୁଚନା ପାଇ ଜୋରିମାନା କରିଛି। ଗତ ୨୦୨୨ ନଭେମ୍ବର ୧୧ ତାରିଖରେ ନୂତନ ବୋର୍ଡ ଗଠନ ହୋଇଥିଲା । ନୂତନ ବୋର୍ଡ ଗଠନ ହୋଇ ୧୩ ମାସ ହେଲା ଏହା ଭିତରେ ୩ଟି ବୈଠକ ହେବାର ଥିଲା । କିନ୍ତୁ ୧୩ ମାସ ଭିତରେ ୩ଟି ବୈଠକରୁ ମାତ୍ର ଗୋଟିଏ ବୈଠକ ହୋଇଛି ।

# ରଣମାଲଠାରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ

ମୁଖୀଗୁଡା, ୦୭/୧୨ (ନି.ପ୍ର): ଆଜିପ୍ରକଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରଣମାଲ ଗୌନ୍ତିଆପଡା ଶିବ ମନ୍ଦିର ପରିସରରେ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ଉଦ୍ୟାନ ବିଭାଗପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କୃଷି ଓ କୃଷକ ଙ୍କ ରହିଥିବା ବିଭିନ୍ନ ସରକାରୀ ଯୋଜନା ଓ ରିହାତି ବିଷୟରେ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା।ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଉଦ୍ୟାନ କୃଷି ମିଶନ ଯୋଜନାର ନୂତନ ଫୁଲ ଓ ଫଳ ବଗିଚା ପ୍ରତିଷ୍ଠା, ସମନ୍ୱିତ ରୋଗପୋକ ନିୟନ୍ତ୍ରଣ ଓ ଖାଦ୍ୟସାର ପରିଚାଳନା,ପୁରୁଣା ଫଳ ବିଗିଚାର ପୁନଃଉଦ୍ଧାର,ଶଙ୍କର ଜାତୀୟ ପନିପରିବା ଚାଷ, ଜିଆ ଖତ କୁଣ୍ଡ ପ୍ରତିଷ୍ଠା, ଯନ୍ତ୍ରପାତି କ୍ରୟ ଉପରେ ଅନୁଦାନ, ପ୍ରଶିକ୍ଷଣ, ଅମଳ ପରବର୍ତ୍ତୀ ସହାୟତା, ସୁରକ୍ଷିତ ଚାଷ, ଛତୁ ଚାଷ ଓ ମଞ୍ଜି ଉତ୍ପାଦନ ଭଳି ଅନେକ ବିଷୟରେ ଆଲୋଚନା କରାଯାଇଥିଲା।ଏହା ସହ ରାଜ୍ୟ ଯୋଜନା, ସ୍ୱତନ୍ତ୍ର ଫଳ ନିର୍ଦ୍ଦିଷ୍ଟ ଯୋଜନା, ଘରେ ଘରେ ପୁଷ୍ଟି ପ୍ରୟାସ, ମସଲା ମିଶନ, ଛତୁ ମିଶନ, ଫୁଲ ମିଶନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଅନେକ ସରକାରୀ ଯୋଜନା ରେ ଚାଷୀ କିପରି ସାମିଲ ହୋଇପାରିବେ ସେ ଦିଗରେ ଉଦ୍ୟାନ କୃଷି ଅଧିକାରୀ ଅବଗତ କରାଇଥିଲେ।କାର୍ଯ୍ୟକ୍ରମରେ ଜୟପାଟଣା ସହକାରୀ ଉଦ୍ୟାନ କୃଷି ଅଧିକାରୀ ରଜନୀକାନ୍ତ ବନ୍ଦୀଛୋଡ, କୋକସରା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ପିଙ୍କି ଜାଲ ,ନରସିଂହ ଯାନୀ, ଏନଜିଓ କର୍ମଚାରୀ ଶରତ ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ସହକାରୀ କୃଷି ଅଧିକାରୀ ଝରଣା ନାଏକ, ରଣମାଲ ଓ ବାଣ୍ଡି ଗାଁ ସମିତି ସଭ୍ୟା ସମେତ ଅଂଚଳର ଅନେକ କୃଷକ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

**TENDER CALL NOTICE**
**INVITATION FOR BIDS (IFB)**

**IDENTIFICATION NO-JSD-18/2023-24**

The Superintending Engineer, Jagatsinghpur Irrigation Division on behalf of Governor of Odisha invites percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with state Government & contractors of equivalent grade / class registered with central Government / MES/ Railway to be eventually drawing agreement in P-1 contract froms of Govt. of Odisha.

| | | | |
|---|---|---|---|
| 1- | Name of work | : | Detail can be seen in the DTCN of the respective works |
| 2- | Total No. of Works | : | 105 (One hundred five) |
| 3- | Estimated Cost put to Tender (Rs. In Lakhs) | : | Varies from Rs.3.50 lakhs to Rs. 4.20 lakhs. Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| | Bid Security of the estimated cost put to teder | : | Details can be seen in DTCN |
| 5- | Period of Completion | : | Details can be seen in DTCN |

6- Other details as follows

| | | | |
|---|---|---|---|
| (i) | Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| (ii) | Availability of Tender Document for bidding | : | 12.12.2023 from 10.00A.M to 21.12.2023 up to 5.00 P.M |
| (iii) | Date of opening of Bid Document | : | On 22.12.2023 at 11.00 A.M in the office of the Superintending Engineer, Jagatsinghpur Irrigation Division |
| (iv) | Decision to Conduct lottery | : | If required the transparent lottery shall be conducted on 27.12.2023 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

Sd/-
**Superintending Engineer**
**Jagatsinghpur Irrigation Division,**
**Jagatsinghpur**

# ଡିସେମ୍ବର ୯ ଓ ୧୦ ରେ ବେଣୁଧର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା

ବଲାଙ୍ଗିର , ୦୭/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସଦରବ୍ଲକ ଚନ୍ଦନଭାଟି ଠାରେ ଆସନ୍ତା ଡିସେମ୍ବର ୯ ଓ ୧୦ ଦୁଇଦିନ ଧରି ଦ୍ୱିତୀୟ ବେଣୁଧର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ଆଜି ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି । ଏଥିରେ ବଲାଙ୍ଗୀର,ବରଗଡ,କଳାହାଣ୍ଡି, ସୋନପୁର ଓ ସମ୍ବଲପୁର ଜିଲ୍ଲାର ୮ଟି ଦଳ ଯଥା- ଚନ୍ଦନଭାଟି, ନକଟାସର, ଏ.ଏ.ଅମାମୁଣ୍ଡା, ଏନ.ଏଫ.ସି ସୋନପୁର, କଦଳୀପାଲି, ୟୁଥ କ୍ଲବ ବଲାଙ୍ଗୀର, ବଡମାଳ କଳାହାଣ୍ଡି ଓ ବିଏମସି ସ୍ପୋର୍ଟିଂ ସମ୍ବଲପୁର ଭାବନେବେ ।ଏହି ଟୁର୍ଣ୍ଣାମେଂଟର ଉଦଘାଟନୀ ଉତ୍ସବରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ , ବରଗଡର ପୂର୍ବତନ ସାଂସଦ ପ୍ରଭାସ ସିଂ, ରାଜ୍ୟସରକାରଙ୍କ କ୍ରୀଡା ଓ ୫ଟି ସଚିବ ଆର.ଭିନିଲକ୍ରୀଷ୍ଣା ଓ ଚନ୍ଦନଭାଟି ସରପଂଚ ପଙ୍କଜୀନି ସାହୁ ଯୋଗ ଦେବେ । ସେହିପରି ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବଲାଙ୍ଗୀର ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ, ରାଜ୍ୟ ଗୃହନିର୍ମାଣ ନୀଗମର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ,ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଜିଲ୍ଲାପାଳ ଚଂଚଳ ରାଣା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ବିଭିନ୍ନ ମ୍ୟାଚରେ ଯୋଗଦେବାକୁ ସଦର ବ୍ଲକଅଧକ୍ଷା ସରିତା ବାଗ,ସୁଶ୍ରୀ ଗ୍ରୁପର ପ୍ରତିଷ୍ଠାତା ଡ.ଶ୍ରୀକର ମିଶ୍ର, ପୂର୍ବତନ ରଣଜୀ କ୍ରୀକେଟ ଖେଳାଳୀ ସୂର୍ଯ୍ୟନାରାୟଣ ମିଶ୍ର, ଜିଲ୍ଲା କ୍ରୀଡାସଂସଦର ସଂପାଦକ ହରିନାରାୟଣ ପୂଝାରୀ, କାଉନସିଲର ପ୍ରଦୀପ ମିଶ୍ର, ବଲାଙ୍ଗିର ଡିଏଫଓ ନୀତିଶ କୁମାର ପୂର୍ବତନ ରଣଜୀ ଖେଳାଳୀ ସଂଜୟ କୁମାର ବେହେରା ପ୍ରମୁଖ ଯୋଗଦେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଟୁର୍ଣ୍ଣାମେଂଟର ସଂଯୋଜକ ସୁକାନ୍ତ ପାଣିଗ୍ରାହୀ, କମିଟିର ସଭାପତି କପିଳେଶ୍ୱର ପାଣିଗ୍ରାହୀ, ସଂପାଦକ ପ୍ରଭୁଦତ୍ତ ପ୍ରଧାନ, କୋଷାଧକ୍ଷ ଅଶୋକ ଦଳାଇ, ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ କମିଟିର ନୂଆଖାଉ ବେହେରା, ଅରକ୍ଷିତ ଦଳାଇ, କମଳ ଚୌଧୁରୀ, ସତ୍ୟ ମେହେର, ଶାନ୍ତନୁ ପୁରୋହିତ, ଶରତ ଦଳାଇ, ଲକ୍ଷ୍ମଣ ଖମାରୀ, ଟୁନା ପାଣିଗ୍ରାହୀ, ଦେବଦତ୍ତ ପ୍ରଧାନ, ଶ୍ରବଣ ଖମାରୀ ଓ ଅମ୍ବରୀଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନଯଜ୍ଞ

କେନ୍ଦ୍ରାପଡ଼ା, ୦୭/୧୨ (ନି.ପ୍ର): ପ୍ରଜ୍ଞାନ ମିଶନ କେନ୍ଦ୍ରାପଡ଼ା ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଉଦୟନଗରସ୍ଥିତ ସଂସ୍କୃତି ଭବନରେ ତିନିଦିନ ବ୍ୟାପୀ ଗୀତା ଜ୍ଞାନଯଜ୍ଞର ଗତକାଲି ଉଦ୍‌ଘାଟିତ ହୋଇଯାଇଛି। ଆନ୍ତର୍ଜାତୀୟ କ୍ରିୟାଯୋଗର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଶ୍ରୀମଦ୍ ଭାଗବତ ଗୀତାର ୪ର୍ଥ ଅଧ୍ୟାୟ 'ଜ୍ଞାନ କର୍ମ ସନ୍ୟାସ ଯୋଗ' ଉପରେ ପ୍ରବଚନ ଦେଇଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ସନ୍ୟାସୀମାନଙ୍କ ଦ୍ୱାରା 'ଗୀତା ଧ୍ୟାନ' ପାଠ କରିବା ପରେ ସ୍ୱାମୀ ଅନିର୍ବାଣାନନ୍ଦ ଗିରି 'ପ୍ରଜ୍ଞାନ ମିଶନ'ର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ ଏବଂ ସ୍ୱାମୀ ସାରଦାନନ୍ଦ ଗିରି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ 'ଭକ୍ତି'ର ବ୍ୟାଖ୍ୟା କରି ଜଗତକୁ ଭଗବାନଙ୍କ ରୂପ ମନେକରି ଜଗତର ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ। 'ବନ୍ଧୁ କିଏ ' ବୋଲି ବୁଝାଇବାକୁ ଯାଇ ଭାଗବାନଙ୍କୁ ଶ୍ରେଷ୍ଠ ବନ୍ଧୁ ଭାବରେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରବଚନ ପରେ ପ୍ରଶ୍ନ ଉତର କାର୍ଯ୍ୟକ୍ରମରେ ଭକ୍ତମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଥିଲେ। ଆଜି ମଙ୍ଗଳବାର କ୍ରିୟାଯୋଗ ଦୀକ୍ଷା ଓ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା।

# ୩ ଲୁଟେରା ଗିରଫ: ୩ବାଇକ ସହ ୫୨ ମୋବାଇଲ ଫୋନ ଜବଦ



ବାରିପଦା, ୦୭/୧୨ (ନି.ପ୍ର): ବାରିପଦା ସହର ରେ ଦିନକୁ ଦିନ ସୁନା ଚେନ, ବାଇକ ଏବଂ ମୋବାଇଲ ଫୋନ ଛୀନତାଇ ବୃଦ୍ଧି ପାଉଥିବା ବେଳେ, ଏହା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଥିଲା. ତେବେ ଆଜି ଏଭଳି ଏକ ଗ୍ୟାଙ୍ଗକୁ ଧରିବାରେ ବାରିପଦା ଟାଉନ ପୋଲିସ ସଫଳ ହେବା ସହ ୩ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୩ଟି ବାଇକ ଏବଂ ୫୨ଟି ମୋବାଇଲ ଫୋନ ଜବଦ କରିଥିବାର ଜଣାଯାଇଛି। ଅନ୍ୟ ଦୁଇଜଣ ଫେରାର ହୋଇ ଯାଇଥିବା ବେଳେ ପୋଲିସ ଖୁବଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରିବ ବୋଲି କହିଛି। ସୂଚନା ମୁତାବକ ଗତ ତା ୦୪/୧୨/ ୨୦୨୩ ଦିନ ଅଭିଯୋଗକାରୀ ବାରିପଦା ୱାର୍ଡ ନଂ ୧୧ର ମନୋରଞ୍ଜନ ମହନ୍ତଙ୍କ ପୁଅ ବାସୁଦେବ ମହନ୍ତ (୧୮) ବାରିପଦା ଟାଉନ ଥାନାରେ ୩୦ତାରିଖ ଦିନ ସକାଳେ ସାଇକେଲରେ ବଡବଜାର ଅମ୍ବିକା ମନ୍ଦିର ଛକରୁ ନେପାଳୀ ମାର୍କେଟ ଯିବା ରାସ୍ତାରେ ଦୁଇ ଜଣ ପିଲା ଏକ ନାଲି ରଙ୍ଗର ପୁରୁଣା ବାଇକରେ ଆସି ତାଙ୍କୁ ଜୋରରେ ଧକା ଦେଇ ତାଙ୍କ ଫୋନ ଟିକୁ ଜବରଦସ୍ତ ଛଡାଇ ନେଇ ପଳେଇଗଲେ ଏବଂ ଧକ୍କା ଫଳରେ ସେ ଆହତ ମଧ୍ୟ ହୋଇଥିଲେ ବୋଲି ଅଭିଯୋଗ କରିଥିଲେ। ଏହି ରିପୋର୍ଟକୁ ଆଧାର କରି ବାରିପଦା ଟାଉନ ଥାନାରେ କେଶ ନଂ ୭୫୩/୨୩ ମୂଳେ କେଶ ରୁଜୁ କରି ପୋଲିସ ସିସିଟିଭି ଫୁଟେଜ ଆଧାରରେ ବିଶ୍ୱସ୍ଥ ସୂତ୍ରରୁ ଦୁଇଜଣ ଙ୍କୁ ଚିହ୍ନଟ କରିବା ସହ ଗତ କାଲି ଜଣକୁ ଷ୍ଟେସନ ବଜାରରୁ ଧରିଥିଲା। ସେମାନଙ୍କ ବୟାନ ଆଧାରରେ ବାରିପଦା ସହର ଓ ଏହାର ଆଖପାଖ ଅଞ୍ଚଳରୁ ହୋଇଥିବା ମୋବାଇଲ, ସୁନା ଚେନ ଛିନତାଇରେ ଏହି ଗ୍ରୁପର ମୋଟ ପାଞ୍ଚ ଜଣ ସାମିଲ ଥିବାଜଣା ଯିବା ପରେ ରାତି ତମାମ ରେଡ ଓ ଚଢାଉ କରି ତିନିଜଣଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିବା ବେଳେ, ଅନ୍ୟ ଦୁଇ ଜଣ ଖସି ପଳେଇଯାଇଛନ୍ତି। ଗିରଫ ୩ଜଣଙ୍କ ମଧ୍ୟରୁ ଜଣେ ନାବାଳକ ଥିବାର ଜଣାଯାଇଛି। ସେମାନଙ୍କୁ ପାଖରୁ ସମୁଦାୟ ୫୨ ଗୋଟି ମୋବାଇଲ ଫୋନ ଏବଂ ଛିନତାଇ ରେ ବ୍ୟବହାର କରିଥିବା ମୋଟର ୩ଟି ସାଇକେଲ ମଧ୍ୟ ଜବତ କରାଯାଇଛି। ଏହି ୫୨ ଗୋଟି ମୋବାଇଲ ମଧ୍ୟରୁ ବାରିପଦା ସହର ରୁ ୬ ଗୋଟି ଛିନତାଇ ହୋଇଥିବା ବେଳେ ଗୋଟିଏ ସଙ୍ଖାଭଙ୍ଗାରୁ, ଗୋଟିଏ ଭଞ୍ଜପୁରରୁ, ଆହୁରିଅନେକ ସ୍ଥାନରୁ ଛିନତାଇ କରିଥିବା ଆସାମୀ ମାନେ ସ୍ୱୀକାର କରିଛନ୍ତି। ଆଜି ତିନି ଙ୍କୁ ଗିରଫ କରି ଦୁଇ ଜଣ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସହ ନାବାଳକ ଅପରାଧୀ କୁ ବାଳ ସୁଧାର କୋର୍ଟରେ ହାଜର କରାଯାଇଛି। ଏହି ଜବତ ହୋଇଥିବା ଗାଡି ଓ ମୋବାଇଲ ର ମାଲିକାନା ଯାଞ୍ଚ ଚାଲି ଥିବା ବେଳେ, ଫେରାର ଥିବା ଆସାମୀ ମାନଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ ବୋଲି କୁହାଯାଇଛି।

## ୧୨ରେ ମହୋଦଧି ଦିବସ

ପୁରୀ, ୦୭/୧୨ (ନି.ପ୍ର): ଭୂଭାଗର ୭୦ ପ୍ରତିଶତ ହେଉଛି ଜଳ। ଏହାର ୯୬ ପ୍ରତିଶତ ହେଉଛି ସମୁଦ୍ର। ସମୁଦ୍ର ଓ ସାମୁଦ୍ରିକ ଜୀବନର ପ୍ରଭାବ ଗଭୀର ଭାବରେ ଜଳବାୟୁ ଉପରେ ରହିଛି। ସମୁଦ୍ର କିମ୍ବା ସାମୁଦ୍ରିକ ଜୀବନକୁ ସୁରକ୍ଷିତ ରଖିବା ପାଇଁ ବର୍ତମାନ ସୁଦ୍ଧା ସମସ୍ତେ ସଚେତନ ନୁହନ୍ତି। ଅଧିକାଂଶ ଲୋକ ସମୁଦ୍ରକୁ ମନୋରଞ୍ଜନ ଓ ଜୀବନ ଜୀବିକା ପାଇଁ ବ୍ୟବହାର କରନ୍ତି। ଏହାର ସୁରକ୍ଷା ପାଇଁ ଧ୍ୟାନ ଦିଅନ୍ତି ନାହିଁ। ରାଷ୍ଟ୍ରୀୟ ସ୍ତରରେ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ବିଭିନ୍ନ ପ୍ରକାର ଦିବସ ପାଳନ କରାଯାଉଥିଲା। ସମୁଦ୍ର ସୁରକ୍ଷା ସଚେତନତା ସୃଷ୍ଟି ପାଇଁ କୌଣସି ଦିବସ ନ ଥିଲା। ବିଶ୍ୱବ୍ୟାପୀ ସଚେତନତା ପାଇଁ ବିଶେଷ ଭାବରେ ସମୁଦ୍ରକୂଳିଆ ଲୋକମାନଙ୍କୁ ସମୁଦ୍ର ବିଷୟରେ ଜଣାଇବା ଓ ସଚେତନ କରାଇବା ଉଦ୍ଦେଶ୍ୟରେ ୨୦୨୧ ମସିହାରୁ ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦି ବେଲ୍ ତରଫରୁ ଡିସେମ୍ବର ୧୨ ତାରିଖକୁ ମହୋଦଧି ଦିବସ ରୂପେ ପାଳନ କରାଯାଉଛି।

## ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ




ଉଦଳା, ୦୭/୧୨ (ନି.ପ୍ର): ଆଜି କପ୍ତିପଦା ସ୍ଥିତ ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମାକୁ ସିଂହ ( ଜିଲ୍ଲା ପରିଷଦ ସଭ୍ୟ-ଜୋନ ୪)ଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ଯାଇଅଛି । ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ଶଙ୍କର୍ଷଣ ମିଶ୍ର , ସମ୍ମାନିତ ଅତିଥି ଭାବରେ ସର୍ବେଶ୍ୱର ବିଶ୍ୱାଳ ଏବଂ ସମାଜସେବୀ ଆଶିଷ କୁମାର ମଲ୍ଲିକ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ନୋଡାଲ ଅଫିସର ଡକ୍ଟର ଶ୍ରୀହରି ପଣ୍ଡା ସଂସ୍କୃତି ବିନା ଜୀବନ ଦୁର୍ବହ, ମୁଲ୍ୟହୀନ ବୋଲି କହି କେବଳ ମାନବ ଜାତିର ହିଁ ସଂସ୍କୃତି ଅଛି ବୋଲି କହିବା ସହ କହିବା ସହ ସଂସ୍କୃତିର ପ୍ରସାର ଦିଗରେ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ସାଂସ୍କୃତିକ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ତ୍ରିଦିନ ବ୍ୟାପୀ ଚାଲିବାକୁଥିବା କାର୍ଯ୍ୟକ୍ରମର ବିବରଣୀ ରଖିଥିଲେ । ଅଧ୍ୟାପକ ଡକ୍ଟର ଧନୟ ରାଉତ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସେ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ମୁଖ୍ୟ ଅତିଥି , ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି, ସଭାପତିଙ୍କ ସହ ମଞ୍ଚାସୀନ ଅଧ୍ୟାପକ ଗଣ ଶ୍ରୀଜଗନ୍ନାଥଙ୍କ ଫୋଟଚିତ୍ରରେ ଧୂପ,ଦୀପ ଏବଂ ପୁଷ୍ପ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଜିର ପ୍ରଥମ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ପ୍ରବନ୍ଧ (ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା) ଲିଖନ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ପ୍ରବୋଧ ଚନ୍ଦ୍ର ଶତପଥି, ଅଧ୍ୟାପକ ନାରାୟଣ ଜେନା , ମଉନାବତୀ ଦାସ, ମନମୋହନ ମହାପାତ୍ର, ହରମୋହନ ଜେନା ଏବଂ ବୀରଭଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ବିଚାରକ ଓ ସହାୟକ ଭାବରେ କାର୍ଯ୍ୟ କରିଥିଲେ । ଆସନ୍ତା ଡ଼ିସେମ୍ବର ୮ ତାରିଖ ଏବଂ ୯ ତାରିଖରେ ଉକ୍ତ ବିଭାଗରେ ବକ୍ତୃତା ପ୍ରତିଯୋଗିତା, କବିତା ପାଠ, କମେଡି, ନୃତ୍ୟ, ସଙ୍ଗୀତ ଏବଂ ଫେସନ ସୋ ଅନୁଷ୍ଠିତ ହେବାସହ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ଉଦ୍ଯାପନୀ ଉତ୍ସବରେ ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିବା ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରୁଥିବା ଦେଖାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦେଶୀ ମଦଭାଟିରେ....

ଭଳି ମଦ ବ୍ୟବସାୟୀଙ୍କ ଆୟକର ଫାଙ୍କି ଧରିବାକୁ ଆସିଥିବା ଅଧିକାରୀ ବିପୁଳ ପରିମାଣର ଟଙ୍କାର ସନ୍ଧାନ ପାଇଛନ୍ତି। ଲକ୍ଷେ କି ଦୁଇ ଲକ୍ଷ ନୁହେଁ, କୋଟି କୋଟି ଟଙ୍କା ପାଇଛି। ତେଣୁ ଟଙ୍କା ନେବାକୁ କର୍ମଚାରୀଙ୍କୁ ଡକାଯାଇଥିଲେ। ୧୫୬ଟି ବ୍ୟାଗ ଓ ଅଖାରେ ଟଙ୍କା ଭର୍ତ୍ତି କରି ବ୍ୟାଙ୍କକୁ ନେଲେ। ରାତି ପାହିବା ପରେ ଆରମ୍ଭ ହୋଇଥିଲା ଟଙ୍କା ଗଣତି। ୬ଟି ମେସିନରେ ୮ ଜଣ କର୍ମଚାରୀ ଲାଗି ପଡିଥିଲେ ଟଙ୍କା ଗଣିବାରେ। ଟଙ୍କା ଗଣି ଗଣି କର୍ମଚାରୀ ବେଦମ ହୋଇପଡିଥିଲେ ମଧ୍ୟ ସରିନଥିଲା ଗଣତି। ସୂଚନା ଅନୁସାରେ, ଦୁଇଟି ଆଲମିରାରୁ ମିଳିଥିବା ଟଙ୍କା ଦେଢଶହ କୋଟିରୁ ଅଧିକ ହେବ। ପରେ ମଦଭାଟି ଦାୟିତ୍ୱରେ ଥିବା ରାଜେଶ ସାହୁଙ୍କୁ ଉଠାଇ ଆଣି ପଚରା ଉଚରା କରୁଛନ୍ତି ଆଇଟି ଅଧିକାରୀ। ସେପଟେ ସମ୍ବଲପୁର ଧନୁପାଲି ଅଂଚଳରେ ଥିବା ଦେଶୀ ମଦଭାଟି ଓ ବଡ ବଜାର ଅଂଚଳରେ ଥିବା ବଳଦେବ ସାହୁ ଆଣ୍ଡ ସନ୍ସର ଅଫିସରେ ଚଢଉ କରିଛି ଆୟକର ବିଭାଗ। ସେଠାରୁ ମଧ୍ୟ ମିଳିଛି ପୂଳା ପୂଳା ଟଙ୍କା। ଅଫିସରୁ ଟଙ୍କା ଭର୍ତ୍ତି ବ୍ୟାଗ ଗୁଡିକୁ ୨ଟି ଭ୍ୟାନରେ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାକୁ ନିଆଯାଇ ଗଣା ଚାଲିଛି। ଶାଖା ପରିଚାଳକ କହିଛନ୍ତି, ଏତେ ପରିମାଣର ଟଙ୍କା ମିଳିଛି ଯେ, ଆଜି ଗଣତି ସରିବନି। ସେହିପରି ଷ୍ଟିଲ ସିଟି ରାଉରକେଲାରେ ପଶିଛି ଆୟକର ଟିମ୍। ସିଭିଲ ଟାଉନ୍ ସିପ୍ ଅଂଚଳର ମଦ ବ୍ୟବସାୟୀ କାମେଶ୍ୱର ତିୱାରୀଙ୍କ ଘର, ଅଫିସ ଓ ଦୋକାନରେ ରେଡ୍ ହୋଇଥିବା ବେଳେ ଆୟକର ଫାଙ୍କିବା ନେଇ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଅନ୍ୟପକ୍ଷରେ ମଦ ବ୍ୟବସାୟୀ ରାଜେଶ କୁମାର ସାହୁଙ୍କ ବୀରମିତ୍ରପୁର ସ୍ଥିତ ଦେଶୀ ମଦ ଭାଟିରେ ପଶି ଯାଞ୍ଚ କରିଛି ଆୟକର ଟିମ୍। ରାୟଗଡା ସହରର ଗାନ୍ଧୀ ନଗରରେ ଥିବା ମଦ ବ୍ୟବସାୟୀ ଅରବିନ୍ଦ ସାହୁଙ୍କ ଘର ଓ ଅଫିସରେ ଆୟକର ଟିମ୍ ଚଢଉ କରିଥିବା ବେଳେ ଆୟକର ଫାଙ୍କି ଅଭିଯୋଗରେ ତାଙ୍କୁ ଉଠାଇ ନେଇଛି। ସେପଟେ ବୌଦ୍ଧ ଡିଷ୍ଟିଲାରୀ କମ୍ପାନୀରେ ଦୁଇ ଦିନ ହେଲା ଆୟକର ବିଭାଗ ଚଢଉ ଜାରି ରଖିଛି। ସେଠାରୁ କିଛି ନଗଦ ଟଙ୍କା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଏହି ସଂସ୍ଥା ସହ ଜଡିତ ବୌଦ୍ଧ ପୁରୁଣା କଟକସ୍ଥିତ ବ୍ୟବସାୟୀ ଅଶୋକ ଅଗ୍ରୱାଲଙ୍କ ରାଣୀ ସତୀ ରାଇସ ମିଲରେ ମଧ୍ୟ ଚଢଉ କରିଛି ଆୟକର ଟିମ୍। ଭୁବନେଶ୍ୱର ପଳାସପଲ୍ଲୀ ସ୍ଥିତ ବୌଦ୍ଧ ଡିଷ୍ଟିଲାରୀର କର୍ପୋରେଟ୍ ଅଫିସ ସମେତ ଦୁଇଟି ସ୍ଥାନରେ ଦୁଇ ଦିନ ହେଲା ଆଇଟି ରେଡ୍ ଜାରି ରହିଛି। ଆୟକର ବିଭାଗ ସ୍କାନରରେ ସୁନ୍ଦରଗଡ଼ର ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲ। ଗତକାଲିଠାରୁ ରାଜକିଶୋରଙ୍କ ରାଣୀବଗିଚା ସ୍ଥିତ ଘର, ଅଫିସ ଓ ସର୍ଗିପାଲିରେ ଥିବା ମଦଭାଟି ଉପରେ ରେଡ୍ କରୁଛି ଆଇଟି ଟିମ୍। ରାଜକିଶୋର କେତେ ଆୟକର ଫାଙ୍କିଛନ୍ତି ? ତାଙ୍କଠାରୁ କେତେ ଟଙ୍କା ଜବତ ହୋଇଛି ? ସେନେଇ ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

## ସରକାରଙ୍କୁ ଘାରିଲା ମାଟ୍ରିକ...

ଶତ ପ୍ରତିଶତ ସିଲାବସ୍‌କୁ ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ ଓ ପିଲାମାନେ ଶହେ ମାର୍କର ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିସହ ଚଳିତ ବର୍ଷ ପରୀକ୍ଷାକୁ ଅଧିକ ସହଜ କରିବାକୁ ପରିକ୍ଷାର୍ଥୀଙ୍କୁ ଦିଆଯିବ ନମୁନା ପ୍ରଶ୍ନପତ୍ର। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ ଦଶମ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଛି। ଏହି ପ୍ରଶ୍ନପତ୍ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିବାକୁ ମାଧ୍ୟମିକ ଶିକ୍ଷାନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ସେମାନେ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରି ପାରିବେ।

## ଜନଶତାବ୍ଦୀ ଏକ୍ସପ୍ରେସରେ...

ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ତୁରନ୍ତ ନିଆଁ ଲିଭାଇଥିଲେ। ଏଥିସହ ଫାୟାର ସେଫ୍ଟି ଟିମ୍ ଟ୍ରେନ୍‌କୁ ଭଲ ଭାବେ ଯାଞ୍ଚ କରୁଥିବା ଜଣାଯାଇଛି। ବ୍ରେକ୍ ବାଇଡିଂ ଯୋଗୁଁ ନିଆଁ ଲାଗିଥିବା ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛ । ନିଆଁକୁ ଆୟତ୍ତ ପରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଛାଡିଛି ଟ୍ରେନ୍ । ଏହି ଅଗ୍ନିକାଣ୍ଡରେ କୌଣସି ଯାତ୍ରୀ ଆହତ ହୋଇ ନ ଥିବା ବେଳେ ଟ୍ରେନ୍‌ର ବି ବିଶେଷ କ୍ଷତି ହୋଇ ନ ଥିବା ଜଣାଯାଇଛି। ତେବେ ଏଥିଯୋଗୁ ଯାତ୍ରୀମାନେ ଭୟଭୀତ ହୋଇ ପଡ଼ିଛନ୍ତି।

## ଆଜିଠୁ ତେଲଙ୍ଗାନାରେ...

ଟିଡିପି ଟିକେଟରେ ରେବନ୍ଥ ରେଡ୍ଡୀ ୨୦୦୯ରେ ଆନ୍ଧ୍ର ପ୍ରଦେଶ ବିଧାନସଭା ଓ ୨୦୧୪ରେ ତେଲେଙ୍ଗାନା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୭ରେ ସେ କଂଗ୍ରେସରେ ମିଶିଥିଲେ। ୨୦୧୮ତେଲଙ୍ଗାନା ବିଧାନସଭା ନିର୍ବାଚନରେ ରେବନ୍ଥ ରେଡ୍ଡୀ କଂଗ୍ରେସ ପ୍ରାର୍ଥୀ ଭାବେ କୋଡଙ୍ଗଲ ଆସନରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ଟିକେଟରେ ମାଲକାଜଗିରି ଲୋକସଭା ଆସନରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୨୧ରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ଦଳର ତେଲଙ୍ଗାନା ମୁଖ୍ୟ କରିଥିଲେ।

## ୩ ରାଜ୍ୟ ପାଇଁ ବିଜେପି ...

ମଧ୍ୟ ପ୍ରଦେଶରେ ମୁଖ୍ୟମନ୍ତ୍ରୀ ରେସ୍‌ରେ ଶିବରାଜ ସିଂହ ଚୌହାନ ମଧ୍ୟ ଅଛନ୍ତି। ସେ ୪ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇସାରିଛନ୍ତି। ତାଙ୍କ ସହିତ ଏହି ରେସରେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ପଟେଲ, ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ନରେନ୍ଦ୍ର ସିଂହ ତୋମାର ଅଛନ୍ତି ବୋଲି କୁହାଯାଉଛି। ଛତିଶଗଡ଼ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ରେସ୍ ?ରେ ଅଛନ୍ତି। ତାଙ୍କ ସହିତ ଛତିଶଗଡ଼ ବିଜେପି ସଭାପତି ଅରୁଣ କୁମାର ସାଓ, ବିରୋଧୀ ଦଳ ନେତା ଧରମଲାଲ କୌଶିକ ଓ ପୂର୍ବତନ ଆଇଏଏସ୍ ଅଫିସର ଓପି ଚୌଧୁରୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅଛନ୍ତି। ରମଣ ସିଂହଙ୍କ ବ୍ୟତୀତ ଅନ୍ୟ ତିନି ନେତା ଓବିସି ବର୍ଗର। ସେହିପରି ରାଜସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ପୁଣି ରେସ୍‌ରେ ଅଛନ୍ତି। ସୋମବାର ତାଙ୍କୁ ୨୫ରୁ ଅଧିକ ବିଧାୟକ ଭେଟିଥିଲେ। ସେମାନେ ବସୁନ୍ଧରା ରାଜେଙ୍କୁ ସମର୍ଥନ ଜଣାଇ ତାଙ୍କ ବାସଭବନକୁ ଯାଇଥିଲେ ବୋଲି କୁହାଯାଉଛି। ତେବେ ସେମାନେ କହିଛନ୍ତି ଯେ ଏହା କେବଳ ସୌଜନ୍ୟମୂଳକ ସାକ୍ଷାତ ଥିଲା। ଦଳୀୟ ନେତୃତ୍ୱ ବସୁନ୍ଧରା ରାଜେଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବାଛିଲେ ସେମାନେ ବି ସମର୍ଥନ କରିବେ।

# ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପୁରସ୍କାର : ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାର ପାଇବେ ଭଦ୍ରକର ଅରୁଣ ପାତ୍ର



ଭଦ୍ରକ , ୦୭/୧୨ (ନି.ପ୍ର): ୨୦୨୧ ଓ ୨୦୨୨ ମସିହା ପାଇଁ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯିବା ନେଇ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକାଡ଼େମୀ ତରଫରୁ ପ୍ରଦାନ କରାଯାଉଥିବା ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାରରେ ସମ୍ମାନିତ ଓ ପୁରସ୍କୃତ କରାଯିବା ପାଇଁ ଭଦ୍ରକ ଜିଲ୍ଲାର ଅରୁଣ କୁମାର ପାତ୍ରଙ୍କ ନାମ ଘୋଷଣା କରାଯାଇଛି। ସୂଚନା ଯୋଗ୍ୟକି ଓଡ଼ିଆ ଭାଷାରେ ଶ୍ରୀଯୁକ୍ତ ପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକ "କୃଷକଙ୍କ ଭାଷାରେ କୃଷି ବିଜ୍ଞାନ" ୨୦୨୧ ମସିହା ପାଇଁ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଛି। ଶ୍ରୀଯୁକ୍ତ ପାତ୍ର ବର୍ତ୍ତମାନ ଯାଜପୁର ରୋଡ଼ରେ କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଜଣେ କୃଷି କବି, ଆକାଶବାଣୀ ଗୀତିକାର ହିସାବରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଭାଗବତ ଛନ୍ଦେ କୃଷି ବିଜ୍ଞାନ, ଅରୁଣ କୃଷି ବଚନ, କୃଷିବୋଲି ହୋ ଚଷୀ ଭାଇ ହୋ, ଓଡ଼ିଶାରେ ସୂର୍ଯ୍ୟମୁଖୀ ଚଷ, ଧାନଚଷର ନବଦିଗନ୍ତ, ମାଣ୍ଡିଆଚଷର ନବଦିଗନ୍ତ, କୃଷି ଚଉତିଶା ଓ କୃଷି ଚଳିଶା, ଚଷୀ ଭାଇଙ୍କର ହଜାରେ ପ୍ରଶ୍ନ ଓ ତାହାର ସମାଧାନ, ମାଣ ଓ ଗୁଣ୍ଡ ପିଛା ସାର ବ୍ୟବହାର, ମାଟିଆ ଗୁଣ୍ଡି ପୋକର ପରିଚଳନା, ବୈଜ୍ଞାନିକ ପଦ୍ଧତିରେ ମୁଗ ଓ ବିରି ଚଷ, କୃଷି ଗୀତି ସଞ୍ଚୟନୀ ପ୍ରଭୃତି କୃଷି ସମ୍ବନ୍ଧୀୟ ପୁସ୍ତକ ରଚନା କରିଛନ୍ତି। ଏଥିସହିତ ଓଡ଼ିଆ ଭାଷାରେ ଗୀତାଞ୍ଜଳିର ଅନୁବାଦ, ଓଡ଼ିଆ ସାହିତ୍ୟରେ ନୂତନ ଢଗଢମାଳି, ସଫଳ ବ୍ୟକ୍ତି ହେବେ କିପରି, ସଫଳ ଜୀବନ ପାଇଁ ଶହେଟି ସଫଳ କାହାଣୀ, ଫଗୁଣ କନ୍ୟା ଗୀତି ପୁସ୍ତକ ପ୍ରଭୃତି ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ଉଭୟ କୃଷି ଓ ସାହିତ୍ୟ କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରକାଶ ଥାଉକି ଉକ୍ତ ପୁରସ୍କାର ଆସନ୍ତା ଜାନୁୟାରୀ ୯ ତାରିଖରେ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଦ୍ୱାରା ପ୍ରଦାନ କରାଯିବ। ସୂଚନା ଯୋଗ୍ୟକି ଶ୍ରୀଯୁକ୍ତ ପାତ୍ର ଫସଲ ସୁରକ୍ଷା ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ ଭାବେ ଭଦ୍ରକ ଜିଲ୍ଲାରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ରାଜ୍ୟରେ ଜଣେ କୃଷିବିତ୍ ହିସାବରେ ଏହି ପୁରସ୍କାର ଲାଭ କରିବାରେ ସେ ପାତ୍ର ପ୍ରଥମ।

## ଫୁଲବାଣୀରେ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ ଆରମ୍ଭ

କନ୍ଧମାଳ, ୦୭/୧୨ (ନି.ପ୍ର): କନ୍ଧମାଳରେ ଆରମ୍ଭ ହୋଇଛି ୭୦ ତମ ରାଜ୍ୟ ସ୍ତରୀୟ ପୁରୁଷ ଭଲିବଲ ଟୁର୍ଣ୍ଣାମେଂଟ । ଫୁଲବାଣୀ କରୋନେସନ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଂଟକୁ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଆନୁଷ୍ଠାନିକ ଭାବେ ପତାକା ଉତୋଳନ କରି ଉଦଘାଟନ କରିଛନ୍ତି। ତାଙ୍କ ସହ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଫୁଲବାଣୀ ବିଧାୟକ ଅଙ୍ଗଦ କଂହର, ରାଜ୍ୟ ଭଲିବଲ ସମ୍ପାଦକ ଗଗନେନ୍ଦୁ ଦାସ ଓ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଓ ରାଜ୍ୟ ଭଲିବଲ ସଂଘର କାର୍ଯ୍ୟକାରୀ ସଭାପତି ଯୋଗ ଦେଇଥିଲେ। ଏଥିରେ ମୋଟ ୩୦ ଟି ଜିଲ୍ଲାରୁ ୩୧ ଟି ଟିମ ଭାଗ ନେଇଛନ୍ତି, ସେଥିରୁ ଫୁଲବାଣୀ ରେ ୧୯ଟି ଦଳ, ବାଲିଗୁଡାରେ ୬ ଟି ଦଳ ଓ ରାଇକିଆ ଠାରେ ୬ ଟି ଦଳ ଖେଳିବେ। କନ୍ଧମାଳର ୩ ଟି ଜାଗାରେ ଫୁଲବାଣୀ, ବାଲିଗୁଡା ଓ ରାଇକିଆ ଠାରେ ଦିବା ରାତ୍ର ମ୍ୟାଚ ଅନୁଷ୍ଠିତ ହେବ। ଏହାଛଡା ମହିଳା ଭଲିବଲ ଟୁର୍ନାମେଂଟ ବୌଦ୍ଧ ଠାରେ ଖେଳାଯିବ ଓ ୧୫ଟି ଦଳ ଏଥିରେ ଯୋଗଦେବେ। କନ୍ଧମାଳର ପ୍ରିୟ ଢ଼ାବା ଭଲିବଲକୁ ସାଂସଦଙ୍କ ପରାମର୍ଶ ରେ ୧୨ଟି ଢ଼ାବା ଭଲିବଲ ଟିମ କୁ ନେଇ ଦାରିଙ୍ଗବାଡି ଠାରେ ଆୟୋଜନ କରାଯାଇଛି। ଏହି ଖେଳ ଆଜି ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।


**Office of the Jaleswar Municipality, Jaleswar**

**Ph: (06781)222407 * E-mail – jaleswarmunicipality@gmail.com**

No: 6199 Date: 06.12.23

**Quotatiom Call Notice for Supplying and Installation of CCTV Cameras at 5T Schools of Jaleswar Municipality**

The Executive Officer, Jaleswar Municipalityon behalf of Jaleswar Municipal Council invites Quotation Call Notice (QCN) for "**Supplying and Installation of CCTV Cameras in 5T Schools of Jaleswar Municipality**" from registered and eligible firm for tendering their bids in sealed cover addressed to the Executive Officer, Jaleswar Municipality. The details of QCN may be downloaded from the website www.jaleswarmunicipality.in and can be submitted in sealed envelope containing hard & soft copies by speed post or can be dropped in the specified Drop Box at the office of the Executive Officer, Jaleswar Municipality.

QCN Downloading & Submission date : 07.12.2023 to 14.12.2023 till 5.00 P.M

QCN Opening date : 15.12.2023 at 11.00 A.M

-Sd-
Executive Officer
Jaleswar Municipality

OIPR: 13126/11/0018/2324


## ଏଆଇଟିୟୁସି ଆହ୍ୱାନରେ ଭୁବନେଶ୍ୱରରେ ମହାସମାବେଶକୁ ସଫଳ ପାଇଁ ଜିଲ୍ଲା କମିଟି ବୈଠକ

ବାଲେଶ୍ୱର, ୦୭/୧୨ (ନି.ପ୍ର): ବନ୍ଦ କଳକାରଖାନାକୁ କାର୍ଯ୍ୟକ୍ଷମ କରିବା, ସର୍ବନିମ୍ନ ମଜୁରୀ ସଂଶୋଧନ, ସ୍କିମ୍ ୱାର୍କରଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଇପିଏଫ୍ ପେନସନ୍ ଭୋଗୀଙ୍କୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ଓ ମହଙ୍ଗା ଭତ୍ତା, ଶ୍ରମିକ ବିରୋଧୀ ଶ୍ରମକୋର୍ଡ଼ ପ୍ରତ୍ୟାହାରକରିବା, ବେକାରମାନଙ୍କୁ ନିଯୁକ୍ତି, ସରକାରୀ ଚାକିରିରେ ଖାଲିଥିବା ପଦବୀ ପୂରଣ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଓ ସରକାରୀ ସଂସ୍ଥାକୁ ଘରୋଇକରଣ ପ୍ରଭୃତି ଦାବି ନେଇ ଚଳିତ ଡିସେମ୍ବର ୧୬ ତାରିଖ ଶନିବାର ଦିନ ଏଆଇଟିୟୁସିର ଆହ୍ୱାନରେ ଭୁବନେଶ୍ୱରରେ ମହାସମାବେଶ ଅନୁଷ୍ଠିତ ହେବ। ବୁଧବାର ସନ୍ଧ୍ୟାରେ ଏଆଇଟିୟୁସିର ବାଲେଶ୍ୱର ଜିଲ୍ଲା କମିଟିର ଜରୁରୀ ବୈଠକ ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇ ଆସନ୍ତା ୧୬ ତାରିଖ ମହାସମାବେଶରେ ଯୋଗଦେଇ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ରାଜ୍ୟ କମିଟିର ଆହ୍ୱାନ ଓ ଦାବିଗୁଡ଼ିକ ସଂପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସଂପାଦକ ମାୟାଧର ନାୟକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମଜୀବୀ ଜନଗଣ ବିରୋଧି ଆଇନ୍ ବିରୁଦ୍ଧରେ ବାଲେଶ୍ୱରର ଶ୍ରମିକମାନେ ଭୁବନେଶ୍ୱର ସମାବେଶରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜଗଦୀଶ ବାରିକ ଓ ହରେକୃଷ୍ଣ ଚାନ୍ଦ, ବିଦ୍ୟୁତ୍ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ଉଠାଜଳସେଚନ କର୍ମଚାରୀ ସଂଘର ସହ ସଂପାଦକ ଶରତ ଚନ୍ଦ୍ର ଦଳାଇ, ବ୍ୟାଙ୍କ କର୍ମଚାରୀ ନେତା ପ୍ରଦୀପ କୁମାର ବେହେରା, ରିକ୍ସାଚାଳକ ସଂଘର କୋଷାଧ୍ୟକ୍ଷ ଉମାକାନ୍ତ ଜେନା, ନିର୍ମାଣ ଶ୍ରମିକ ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ସେମାନଙ୍କ ସଂଘର ସଭ୍ୟମାନେ ଭୁବନେଶ୍ୱର ସମାବେଶରେ ଯୋଗଦେବାକୁ ସହମତି ଜଣାଇଥିଲେ।

# ଅଦିନିଆ ବର୍ଷା ଉଜାଡି ଦେଲା ଶାରଦ ପାଚିଲା ଧାନ ଫସଲ



ବାଲିଆପାଳ ୭/୧୨(ନି ପ୍ର) ଅଦିନିଆ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକର ଶାରଦ ଧାନ ଫସଲ ଉଜୁଡି ଯାଇଛି କହିଲେ ଚଳେ।ଦୁଇ ଦିନ ଧରି ଲାଗି ରହିଥିବା ତୁହାକୁ ତୁହା ବର୍ଷା ଯୋଗୁଁ ପାଚିଲା ଧାନ ଫସଲ ଶୋଇ ଯାଇଥିବା ବେଳେ କେଣ୍ଡା ଗୁଡିକ ପାଣିରେ ପଡି ରହିଛି।ଅଧିକାଂଶ କେଣ୍ଡାରେ ଥିବା ଧାନ ଗଜା ହେବାକୁ ବସିଲାଣି।ଆଉ ଅଧିକ ବର୍ଷା ହେଲେ ଚାଷ ସମୂଳେ ନଷ୍ଟ ହୋଇ ଯିବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।ବଙ୍ଗୋପସାଗର କୂଳରେ ଥିବା ବୋଲଂ , ସାଉଡି , ଜମ୍ବୀରାଇ , ବଣିଆ ଡ଼ିହା , ରତାଇ , ନୂଆଗାଁ , ଡଗରା , ଚୌମୁଖ ଆଦି ପଞ୍ଚାୟତରେ ଚାଷ ଏବେ ଅଧିକ କ୍ଷତିଗ୍ରସ୍ତ ହୋଇଛି । ସେହିପରି ଷୋଳସା , ଚାନ୍ଦମଣି , କାଳନ୍ଦା , ଚୌମୁଖ , ମଧୁପୁରା ,ବଲରାମ ପୁର ଆଦି ପାଣ୍ଡ ଜମିରେ ଚାଷ ଜମିରେ ଧାନ ଗଛ ଗୁଡିକ ସମ୍ପୂର୍ଣ୍ଣ ଭାବେ ଶୋଇ ଯାଇଥିବା ଦେଖିବାକୁ ମିଳିଛି।ପାଣ୍ଡରେ ଅଦିନିଆ ବର୍ଷା ଯୋଗୁଁ ପାଣି ମଧ ଜମି ରହିଛି।ଅନୁକୂଳ ପାଗ ଯୋଗୁଁ ଚଳିତବର୍ଷ ଶାରଦ ଧାନ ଚାଷ ଭଲ ହୋଇ ଥିଲା। ସାର ଓ କୀଟନାଶକ ଔଷଧ ର ଅତ୍ୟଧିକ ଦାମ ଦେଇ ଯେଉଁ ଚାଷୀମାନେ ଋଣ କରି ଚାଷ କରିଥିଲେ ଏବେ ଫସଲ ନଷ୍ଟ ଯୋଗୁଁ ସେହି ଚାଷୀମାନେ ମଣ୍ଡରେ ହାତ ଦେଇ ବସିଛନ୍ତି।ସେମାନେ କରଜ ଋଣ ସୁଝି ପାରିବେ ନାହିଁ ବୋଲି କହିଛନ୍ତି।କୃଷି ବିଭାଗ ଚାଷର କ୍ଷୟ କ୍ଷତି ଆକଳନ କରି ସେମାନଙ୍କୁ କ୍ଷତି ପୂରଣ ଦେବାକୁ ଚାଷୀମାନେ ସରକାର ଙ୍କ ଠାରେ ଦାବି କରିଛନ୍ତି।

# ପାରାଦୀପ ଫସଫେଟ୍ସକୁ ମିଳିଲା ବେଷ୍ଟ ଫରଫରମିଙ୍ଗ ଫସଫେରିକ ପୁରସ୍କାର




ପାରାଦୀପ, ୦୭/୧୨ (ନି.ପ୍ର): ଫର୍ଟିଲାଇଜର୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ସମ୍ମାନଜନକ ବେଷ୍ଟ ପର୍ଫର୍ମିଂ ଫସଫୋରିକ୍ ଆୱାର୍ଡ ପାରାଦୀପ ଫସଫେଟ୍ସ ଲିଃକୁ ପ୍ରଦାନ କରାଯାଇଛି।ପିପିଏଲ ତାର ଏସିଡ୍ ପ୍ଲାଣ୍ଟ ଏବଂ ଏନପିକେ ପ୍ଲାଣ୍ଟର ସର୍ବୋତ୍ତମ ପରିବେଶ ପରିଚାଳନା କରିଥିବାରୁ ଏହି ଆୱାର୍ଡ ମିଳିଛି।ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ୍ ହେଡ୍ ଶ୍ରୀ ନୀଲେଶ ଦେସାଇ ଡିସେମ୍ବର ୬ ତାରିଖ' ୨୦୨୩ ରେ ନୂଆଦିଲ୍ଲୀରେ ଫର୍ଟିଲିଜର୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ବାର୍ଷିକ ସେମିନାରରେ ମାନ୍ୟବର କେମିକାଲ୍ ଏବଂ ସାର ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମାନସୁଖ ମାଣ୍ଡଭିଆଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାର ବିଭାଗର ସଚିବ ରଜତ କୁମାର ମିଶ୍ର ଏବଂ ସୁରେଶ କୃଷ୍ଣନ୍ ଉପସ୍ଥିତ ଥିଲେ। ଏହି ପୁରସ୍କାର ଶିଳ୍ପ ସୁରକ୍ଷା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ମାପିବା ପାଇଁ ପିପିଏଲ କୁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଅଧିକାରୀ ମାନେ ମତ ଦେଇଛନ୍ତି।

# ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଭଦ୍ରକ, ୦୭/୧୨ (ନି.ପ୍ର): ଆଜି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ଥାନୀୟ ବାଉଦପୁର ପାର୍କ ଏବଂ ସାଳନ୍ଦୀ ନଦୀ ସଂଲଗ୍ନ କୂଳରେ ଏକ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଧିବାସୀ ସହଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଆଜି ନୂଆ-ଓ ଯୋଜନାର ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ସପ୍ତମ ତଥା ଅନ୍ତିମ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦୁର୍ଗାଶଙ୍କର ଦାସ, ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ସଂଯୋଜକ ଡ. ପଦ୍ମନାଭ ପତ୍ରୀ ଓ ସଂଯୋଜିକା ସ୍ୱପ୍ନା ସୋନାଲିକା ଜେନା, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ ଓ ଡ. ଅଜିତ୍ କୁମାର ଦାସ, ଅଧ୍ୟାପକ ଡ. ସନ୍ତୋଷ କୁମାର ସେଠୀ, ଡ. ଅଶୋକ କୁମାର ଦାସ, ଡ. ଶୁଭେନ୍ଦୁ କୁମାର ବରାଳ, ଡ. ସୁଦର୍ଶନ ଦାସ, ସୁରଜିତ ହାଇବୁରୁ, ମନୋଜ କୁମାର ଶିଅଳ, ଦିଲ୍ଲୀପ କୁମାର ଗାହାଣ, ରୁଦ୍ରନାରାୟଣ ସ୍ୱାଇଁ, ପିତାମ୍ବର ପଣ୍ଡା, ଅଧ୍ୟାପିକା ଜୟନ୍ତୀ





ନାୟକ, ଅଧ୍ୟାପକ ରଂଜନ କୁମାର ମିଶ୍ର, ଅଧ୍ୟାପିକା ଡ. ମନୋରମା ନାୟକ, ଡ. ସଂଜୟ କୁମାର ଶତପଥୀ, ଡ. କଲିକେଶ ବେଗମ୍ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏତାଦୃଶ କାର୍ଯ୍ୟ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସନୀୟ ହୋଇଛି।

# ବସ୍ତା ଲାୟନ୍ସ କ୍ଲବ ଦ୍ୱାରା ଭିଜନ ସେଣ୍ଟରର ବସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ବସ୍ତା , ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କଟିପୋଲ ଠାରେ ବସ୍ତା ଲାୟନ୍ସ କ୍ଲବ ଓ ବାଲେଶ୍ୱର ଲାୟନ୍ସ ଆଇ ହସ୍ପିଟାଲ ଏଣ୍ଡ ରିସୋର୍ସ ସେଣ୍ଟର ସହଭାଗିତାରେ ଆଇଭିଜନ ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇ ଅଛି। ଉପଦେଷ୍ଟା ଲାୟନ୍ସ ସତ୍ୟନାରାୟଣ କର୍ଣ୍ଣାନୀଙ୍କ କରକମଳରେ ହୋମ ଯଜ୍ଞ ପୂଜା ତଥା ଯନ୍ତାଶଂର ଶୁଭସ୍ଥାପନ ହୋଇଯାଇଛି। ବାଲେଶ୍ୱର ଲାୟନ୍ସ ଆଇ ହସ୍ପିଟାଲ ଏଣ୍ଡ ରିସୋର୍ସ ସେଣ୍ଟରର ଚେୟାରମ୍ୟାନ ରାଜେଶ ଖଣ୍ଡେଏଲ ୱାଲ, ସମ୍ପାଦକ ରାଜେଶ ଖଣ୍ଡେଏଲ ୱାଲ ପୂର୍ବତନ ସଭାପତି ସୁନୀଲମୋଦି ଲାୟନ୍ସ ପ୍ରିୟଦର୍ଶୀ ସାମନ୍ତ, ବସ୍ତା ଲାୟନ୍ସ କ୍ଲବର ସଭାପତି ସୁଶୀଲ କର୍ଣ୍ଣାନୀ ଉପ ସଭାପତି ସମାଜସେବୀ ସୁମନ୍ତ କୁମାର ଜେନା, ସତ୍ୟନାରାୟଣ ଗୁପ୍ତା ,ଜେଡସି ମେମ୍ବର ବିଜୟ କୁମାର ପରିଡା, ଭବାନୀ ଶଙ୍କର ନାୟକ, ବାସୁଦ୍ୱେ ପ୍ରଧାନ,ପ୍ରମୁଖ ଉପସ୍ଥିତ ରହିଥିଲେ । ଏହାଦ୍ୱାରା ବସ୍ତା ବ୍ଲକ ତଥା ଆଖପାଖ ଅଞ୍ଚଳର ଗରିବ ଲୋକମାନଙ୍କୁ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ମାଗଣାରେ ଆଖି ପରିକ୍ଷଣ ସହ ମୋତିଆ ବିନ୍ଦୁ ଅପରେସନ ମଧ କରାଯିବ। ସେବା କ୍ଷେତ୍ରରେ ବସ୍ତା ଲାୟନ୍ସ କ୍ଲବର ଏ କାର୍ଯ୍ୟକୁ ଅଞ୍ଚଳ ବାସୀଙ୍କ ଦ୍ୱାରା ଭୂୟସୀ ପ୍ରସଂଶା କରାଯାଇଛି। ଶେଷରେ ଲାୟନ୍ସ ସର୍ବେଶ୍ୱର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୨୩ତମ ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ପାରାଦୀପ, ୦୭/୧୨ (ନି.ପ୍ର): ୨୩ ତମ ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବକୁ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ପି.ଏଲ୍ ହାରନାଦ ଜୟଦେବ ସଦନ ପରିସରରେ ଉଦଘାଟନ କରିଥିଲେ । ଏହି ମହୋତ୍ସବ ମହାନ୍ ଭାରତୀୟ ପରମ୍ପରା ଓ ସଂସ୍କୃତିର ମିଳନ ଓ ଏହା ସହିତ ସଂସ୍କୃତିର ଆଦାନ ପ୍ରଦାନ ସହିତ ବିଭିନ୍ନତା ମଧ୍ୟରେ ଏକତାର ମିଳନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ପାରାଦୀପ ଲେଡିଜ୍ କ୍ଲବ୍ ର ସଭାନେତ୍ରୀ ପି. ଗିରିଜା ସୁନ୍ଦରୀ ଏହି ଉଦ୍ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଭାରତର ୧୦ ଗୋଟି ବୃହ ବନ୍ଦରରୁ ୨୦୦ ପ୍ରତିଯୋଗୀ ଏହି ମହୋତ୍ସବରେ ଯୋଗ ଦେଇଥିଲେ।ଉଦଘାଟନୀ ସମାରୋହରେ ସଭାପତିତ୍ୱ କରିଥିଲେ ଆୟୋଜନ କମିଟିର ଅଧକ୍ଷ ଡି.ଏନ୍.ଷୋଣ୍ଡୀ। ଆୟୋଜନ କମିଟିର ସମ୍ପାଦକ ଡା.ଦୂର୍ଗା ପ୍ରସାଦ ସେଠୀଙ୍କ ସମେତ ଯୁଗ୍ମ ସମ୍ପାଦକ ରଂଜନରଶ୍ମୀ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗୀମାନେ କ୍ଲାସିକାଲ ଭୋକାଲ, ଲାଇଟ୍ ଭୋକାଲ, ବାଦ୍ୟଯନ୍ତ୍ର, ନୃତ୍ୟ ଓ ଡ୍ରାମା ବିଭାଗରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଉଦଘାଟନୀ ସମାରୋହ ପରେ ବିଶାଖାପାଟନା ବନ୍ଦର ଓ ଏହା ପରେ କାଣ୍ଡଲା ବନ୍ଦରର ପ୍ରତିଯୋଗଗୀମାନେ ସେମାନଙ୍କର କାର୍ଯ୍ୟକ୍ରମ ପରିବେଶଣ କରିଥିଲେ। ଆସନ୍ତା ୧୦ ତାରିଖ ଦିନ ଏହି ମହୋତ୍ସବ ଉଦଯାପିତ ହେବ।

# ନୀଳଗିରି ଗୋପୀନାଥପୁରକୁ ଚାଲିବ ତିନୋଟି ମେମୋ ଟ୍ରେନ: ମନ୍ତ୍ରଣାଳୟ ପକ୍ଷରୁ ସୂଚନା




ନୀଳଗିରି , ୦୭/୧୨ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ନୀଳଗିରିକୁ ଟ୍ରେନ ଚଳାଚଳ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ କେବଳ ଲୋକାର୍ପଣକୁ ବାକି ରହିଛି। ବର୍ତ୍ତମାନ ସଂସଦର ଅଧିବେଶନ ଚାଲିଥିବା କାରଣରୁ ଗତ ଡିସେମ୍ବର ୧ତାରିଖରେ ଲୋକାର୍ପଣ ହେବାକୁ ଥିବା ରେଳଷ୍ଟେସନକୁ ସ୍ଥଗିତ ରଖାଯାଇଥିବା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ଷ୍ଟେସନ ଉଦ୍ଘାଟନ ହୋଇ ନଥିବା ବେଳେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ନୂତନକରି ନିର୍ମିତ ନୀଳଗିରି ଗୋପୀନାଥପୁର ସ୍ଥିତ ରେଳଷ୍ଟେସନକୁ ତିନୋଟି ମେମୋ ଟ୍ରେନ ଚଳାଚଳ କରିବା ପାଇଁ ସୂଚନା ଦିଆଯାଇଛି। ଏହି ଟ୍ରେନ ଗୁଡିକ ଦିନରେ ତିନିଥର ଚଳାଚଳ କରିବା ସହିତ ଏହାର ସମୟ ସାରଣୀ ମଧ ସ୍ଥିର ହୋଇଛି। ଗୋପୀନାଥପୁର ବାଲେଶ୍ୱରକୁ ଏହି ଟ୍ରେନ ଚଳାଚଳ କରିବ। ସୁତେଇ ବଡ଼ଗାଁ ଠାରେ ବାଣିଜ୍ୟିକ ରହଣି କରିବ। ଏନେଇ ଗତ ଡିସେମ୍ବର ୫ତାରିଖ ରେଲୱେ ବୋର୍ଡ ସଂଯୁକ୍ତ ନିର୍ଦ୍ଦେଶକ ବିବେକ କୁମାର ସିହ୍ନାଙ୍କ ଚିଠିରୁ ସୂଚନା ମିଳିଛି।

# ମୋଦି ସରକାରଙ୍କ ଗ୍ୟାରେଣ୍ଟି ଆମ 'ସଂକଳ୍ପ ବିକଶିତ ଭାରତ' ରଥ ସାରଗାଁ ଓ ଶାସଙ୍ଗ ଗ୍ରାମପଞ୍ଚାୟତରେ ପରିକ୍ରମା

ବାଲେଶ୍ୱର, ୦୭/୧୨ (ନି.ପ୍ର): ଗୁରୁବାର ଦିନ ଶାସଙ୍ଗ ଓ ସାରଗାଁ ଗ୍ରାମପଞ୍ଚାୟତରେ ମୋଦି ସରକାରଙ୍କ ଗ୍ୟାରେଣ୍ଟି 'ଆମ ସଂକଳ୍ପ ବିକଶିତ ଭାରତ 'ରଥ ପରିକ୍ରମା କରିଥିଲା । ଏହି ଦୁଇଟି ପଞ୍ଚାୟତରେ ରଥ ପରିକ୍ରମା ସମୟରେ ସ୍ଥାନୀୟ କୀର୍ତ୍ତନିୟା ଦଳ ହରିନାମ ଜପ କରି ରଥ ଆଗରେ ରହି ରଥକୁ ବାଟ କଢାଇ ନେଇଥିଲେ । ଖରଉ ସ୍କ୍ରିନ ଦ୍ୱାରା ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । ପଞ୍ଚାୟତର ଲୋକମାନେ ମୋଦି ସରକାରଙ୍କ ଯେଉଁ ଯେଉଁ ଯୋଜନା ପାଇଛନ୍ତି, ତାର ସୁଚି କରିବା ଏବଂ ଯେଉଁ ମାନେ ଏହିସବୁ ଯୋଜନାରୁ ବଞ୍ଚିତ ହେଇଛନ୍ତି, ତାଙ୍କର ପଞ୍ଜିକରଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପଠାଇବା ତଥା ସରକାରଙ୍କ ପ୍ରତ୍ୟେକ ଯୋଜନାରୁ ଲାଭ ପାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥଳରେ ରେମୁଣାର ନେତା ତଥା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମାହାନ୍ତି ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଉପସ୍ଥିତ ଲୋକ ମାନଙ୍କୁ ସଚେତନ କରିଥିଲେ । କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ସଂସ୍ଥା ଯଥା ଖଚଏ, ନାବାର୍ଡ, ବିଭିନ୍ନ ରାଷ୍ଟ୍ରୟତ୍ତ ବ୍ୟାଙ୍କ ର କର୍ମଚାରି ମାନେ ଉପସ୍ଥିତ ହୋଇ ଲୋକମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସହ ସାଶଙ୍ଗ ସରପଞ୍ଚ ପ୍ରଫୁଲ୍ଲ ଦ୍ୱିବେଦୀ, ହିଡିଗାଁ ସାବିତ୍ରୀ ଶତପଥୀ, ସମିତି ସଭ୍ୟ ସୂର୍ଯ୍ୟ ମିଶ୍ର, ସୁନି ସୋରେନ,ଅଙ୍ଗନ ବାଡ଼ି ଦିଦି, ଆଶାଦିଦି, ସ୍ୱୟଂସାହାୟିକା ଗୋଷ୍ଠୀର ମହିଳାମାନେ, ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ, ଚାଷୀ ଓ ଉଜ୍ଜଳା ଦିଦି ମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀ ମାନଙ୍କୁ




ଏହି ସଂକଳ୍ପ ଯାତ୍ରା ମାଧ୍ୟମରେ ଯୋଜନା ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଦେଶର ପ୍ରତ୍ୟେକ ଅସହାୟ ବ୍ୟକ୍ତି ଯାହାଙ୍କ ପାଖରେ ଘର ନାହିଁ ତାଙ୍କୁ ପକ୍କା ଘର,ମା ମାନଙ୍କୁ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ରନ୍ଧନ ଗ୍ୟାସ, ସୁକନ୍ୟା ଯୋଜନା,ପ୍ରଧାନମନ୍ତ୍ରୀ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନବିମା ଯୋଜନା ଇତ୍ୟାଦି ଅନେକ ଯୋଜନାରେ ହିତାଧିକାରୀଙ୍କୁ ଭୁକ୍ତ କରାଯାଉଛି। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଲମ୍ବୋଧର ପ୍ରଧାନ, ସୁଶାନ୍ତ ଶତପଥୀ, ଶରତ ବାରିକ, ଆଦିତ୍ୟ ରଥ, ରଞ୍ଜିତ ଦାସ, ପିତଭାସ ଦାସ, ରତିକାନ୍ତ ପାତ୍ର, ବିକର୍ତନ୍ ରାଉତ, ଆଲୋକ ପଣ୍ଡା, ସରୋଜ ଦାସ, ବୁଲୁ ମାଝୀ, ସମ୍ୟରଞ୍ଜନ ମାଝୀ,ଭାସ୍କର ମଲ୍ଲିକ, କମଳାକାନ୍ତ ମଲ୍ଲିକ, ଧୀରେନ୍ଦ୍ର ସ୍ୱାଇଁ, ସୁଲୋଚନା ମଲ୍ଲିକ, ଦୁଳଗୋବିନ୍ଦ ବାରିକ, ରମେଶ ମଲ୍ଲିକ, ଘନଶ୍ୟାମ ସୋରେନ, କରୁଣାକର ମଲ୍ଲିକ, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଲ୍‌ରୁ ଚମ୍ପଟ ମାରିଥିଲା: ଷ୍ଟେସନ୍‌ରେ ମାଡ଼ିବସିଲା ପୁଲିସ୍

ସମ୍ବଲପୁର, ୦୭/୧୨ (ନି.ପ୍ର): ପୋକ୍ସୋ ଆକ୍ଟରେ ଗିରଫ ହୋଇଥିଲା। ଜେଲ୍‌ରେ ସେ ରନ୍ଧାବଢ଼ା କାମ କରୁଥିବା ବେଳେ ଚମ୍ପଟ ମାରିଥିଲା। ବୁଧବାର ସେ ରାଜ୍ୟ ବାହାରକୁ ଯିବା ପାଇଁ ଷ୍ଟେସନ୍‌ରେ ବସିଥିବା ବେଳେ ମାଡ଼ିବସିଲା ସମ୍ବଲପୁର ପୁଲିସ୍। ପୋକ୍ସୋ ଆକ୍ଟରେ ଗିରଫ ହୋଇ ସମ୍ବଲପୁର ସର୍କଲ୍ ଜେଲ୍‌ରେ ବନ୍ଦୀ ଜୀବନ କାଟୁଥିଲା ସଞ୍ଜିବ କିଶାନ୍। ସେ ରୋଷେଇରେ ସହଯୋଗ କରୁଥିଲା। ବେଳେବେଳେ ଖାଇବାକୁ ମଧ ଦେଉଥିଲା। ତେବେ ଗତ ୩୦ ତାରିଖ ରାତିରେ ଅନ୍ୟ କଏଦୀମାନେ ପଳାଇ ଯିବା ପରେ ସଞ୍ଜିବ ଦେବାନେବାରେ ସହଯୋଗ କରୁଥିଲା। ଏହାର ସୁଯୋଗ ନେଇ ସେ ପରିଶ୍ରା ବାହାନା କରି ଟଏଲେଟ୍ ଯାଇଥିଲା। ସେଠାରେ ସେ ପାଚେରୀ ଡେଇଁ ଚମ୍ପଟ ମାରିଥିଲା। ଏ ସମ୍ପର୍କରେ ଜଣାପଡ଼ିବା ପରେ ଜେଲ୍‌ରେ ହଇଚଇ ସୃଷ୍ଟି ହୋଇଥିଲା। ସେହି ରାତିରେ ଜେଲ୍‌ର ଧନୁପାଲି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ।

## ଦ୍ୱିତୀୟ ଦିନରେ ୧୨ ଜାଗାର ବିକାଶ ପାଇଁ ଭୂମି ପୂଜା

ପୁରୀ, ୦୭/୧୨ (ନି.ପ୍ର): ଆଜି ଦ୍ୱିତୀୟ ଦିନରେ ପୁରୀ ସହରର ୧୨ ଗୋଟି ଜାଗାର ବିକାଶ ପାଇଁ ଭୂମି ପୂଜା କରାଯାଇଛି। ସହରରେ ଥିବା ୩୫ ଗୋଟି ଜାଗା ଆଖଡାର ବିକାଶ କରାଯିବ। ବହୁମୁଖୀ ବ୍ୟାୟାମଶାଳା ଓ ଭିତିଭୂମି ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି। ଆଜି ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ନୂଆ ତୋଟା ଜାଗା, ଜଗୁ ତିଆଡି ଜାଗା, ଅଡଙ୍ଗ ତିଆଡି, ଖାସ ଜାଗା, କୁସନ ଖୁଣ୍ଟିଆ ଜାଗା, ମୁଦୁଲି ଜାଗା, ଧ୍ୱଜ ଗଡ଼ ଜାଗା, ଜମି ଖୁଂଟିଆ ଜାଗା, ବାରବାଟୀ ଜାଗା, ନୃସିଂହ ବଲ୍ଲଭ ଜାଗା ଓ ଶଂଖ ତୋଟା ଜାଗାରେ ପହଂଚି ଭୂମି ପୂଜା କରିଥିଲେ।

## ନାଙ୍ଖୋ ଅଂଚଳରେ ଖୁଲମଖୁଲା ନିଶା କାରବାର : ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ

ଜଳେଶ୍ୱର , ୦୭/୧୨ (ନି.ପ୍ର): ରାଜ୍ୟ ରାଜପଥ ୫୭ର ନାଙ୍ଖୋ ପଂଚାୟତ ନିକଟ ବଡପୋଲ ନିକଟରେ ଥିବା ଧାବା ମାନଙ୍କରେ ବହୁଳ ମଦବିକ୍ରି ହେଉଥିବା ସଂପର୍କରେ ଅଭିଯୋଗ ହୋଇଛି । ଏହି ଧାବାରୁ ଅଳ୍ପ ବୟସ୍କ ଯୁବକମାନେ ମଦପିଇ ଦ୍ରୁତ ଗାଡି ଚାଳନା କରି ବହୁ ସମୟରେ ଦୁର୍ଘଟଣାର ଶୀକାର ଓ ମୃତାହତ ହେଉଥିବା ନଜିର ରହିଛି । ଏହି ସହିତ ପଂଚାୟତର ବିଭିନ୍ନ ସ୍ଥାନରେ ଗଂଜେଇ, ବ୍ରାଉନସୁଗର ଇତ୍ୟାଦି ବିକ୍ରି ହେଉଥିବାରୁ କେତେକ ପରିବାର ଉଜୁଡିବାକୁ ବସିଲାଣି । ଏପରିକି କେତେକ କାର୍ଯ୍ୟରତ କନେଷ୍ଟବଳ, ଗ୍ରାମରକ୍ଷୀ, ପୁଲିସ୍ ଡ୍ରାଇଭର ଏହି ରାସ୍ତାରେ ଯାଉଥିବା ମାଲବାହୀ ଗାଡି ନିକଟରୁ ଚାନ୍ଦା ଉଠାଉଥିବା ସଂପର୍କରେ ସମାଜସେବୀ ଗୋପାଳକୃଷ୍ଣ ଜେନା ଏସ୍‌ଡିପିଓ ଦିଲ୍ଲିପ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏସ୍‌ଡିପିଓଙ୍କୁ ଆଜି ଲିଖିତଭାବେ ଜଣାଇଛନ୍ତି ।

# ସୁସ୍ଥ ଜୀବନଶୈଳୀକୁ ନେଇ ୬ଷ୍ଠ ଦିନରେ ନୂଆ-ଓ ଯୋଜନା କାର୍ଯ୍ୟକ୍ରମ

ଭଦ୍ରକ, ୦୭/୧୨ (ନି.ପ୍ର): ସୁସ୍ଥ ଜୀବନଶୈଳୀକୁ ନେଇ ଆଜି ଓଡ଼ିଶା ସରକାରଙ୍କ ପକ୍ଷରୁ ନୂଆ-ଓ ଯୋଜନା କାର୍ଯ୍ୟକ୍ରମ ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୁସ୍ଥ ଜୀବନଶୈଳୀ ଉପରେ ଏକ ଶୋଭାଯାତ୍ରା ଛାତ୍ରଛାତ୍ରୀଙ୍କ ଦ୍ୱାରା ସହର ପରିକ୍ରମା କରିଥିଲା। ଏହି ପରିପ୍ରେକ୍ଷୀରେ ସେମାନେ ଜନସାଧାରଣଙ୍କୁ ସୁସ୍ଥ ରହିବାର ଶୈଳୀ ଉପରେ ସ୍ଲୋଗାନ ଦେଇ ଅବଗତ କରାଇଥିଲେ। ଶରୀର ଭଲ ରହିଲେ ଆମେ ସମସ୍ତେ ମିଶି ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ କରିପାରିବା ବୋଲି ଛାତ୍ରଛାତ୍ରୀମାନେ ସମସ୍ତଙ୍କୁ ହୃଦବୋଧ କରାଇଥିଲେ। ଏହି ଅଭିଯାନ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦୁର୍ଗାଶଙ୍କର ଦାସ, ସାମାଜିକ କାର୍ଯ୍ୟକଳାପ ସଂଯୋଜକ ଡ. ପଦ୍ମନାଭ ପତ୍ରୀ, ନୋଲା ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ, ଅଧ୍ୟାପକ ଡ. ସୁଦର୍ଶନ ଦାସ, ଅଧ୍ୟାପକ ଡ. ସନ୍ତୋଷ କୁମାର ସେଠୀ ଏବଂ ଅଧ୍ୟାପକ ନାରାୟଣ ଚନ୍ଦ୍ର ବେହେରା ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ।

# ରାଜନୀତିର ଅଡୁଆ ସ୍ଥିତି: ଆରମ୍ଭ ହେଲା ସଂରକ୍ଷଣ ପାଇଁ ପ୍ରତିଯୋଗିତା

ଉଦଳା , ୦୭/୧୨ (ନି.ପ୍ର): ରାଜନୀତିରେ ସଂରକ୍ଷଣ ବ୍ୟବସ୍ଥା ଦିନକୁ ଦିନ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ଅନୁସୂଚିତ ଜାତି, ଜନଜାତିଙ୍କ ପରେ ଏବେ ମହିଳା ମାନେ ରାଜନୀତିରେ ସଂରକ୍ଷଣ ସୁବିଧା ପାଇବାର ବିଲ ପାସ ହୋଇଛି । ଏତିକି ବେଳେ ପଛକୁ ପଛ କିନ୍ନର, ଭିନ୍ନକ୍ଷମ, ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କ ମଧ୍ୟରେ ଯୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଏହିସବୁ ବର୍ଗର ଲୋକେ ରାଜନୀତିରେ ସଂରକ୍ଷଣ ସୁବିଧା ନେବା ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରସ୍ତୁତ ହେଉଥିବାର ଶୁଣିବାକୁ ମିଳୁଛି । ମୋଟାମୋଟି ଭାବେରେ ସଂରକ୍ଷଣ ବ୍ୟବସ୍ଥା ପାଇଁ ରାଜନୀତିରେ ଆଗକୁ ଏକ ଭୟଙ୍କର ଅଡୁଆ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଦେଶର ସୁରକ୍ଷା ଓ ପ୍ରଗତି ପାଇଁ ରାଜନୀତିରେ ସଂରକ୍ଷଣ ବ୍ୟବସ୍ଥାକୁ ପୁରାପୁରି ଉଠାଇଦେବା ଉଚିତ ବୋଲି ବହୁ ଜ୍ଞାନି ଗୁଣି ଲୋକେ ମତ ଦେଉଛନ୍ତି । ରାଜନୀତିରେ ସଂରକ୍ଷଣ ବ୍ୟବସ୍ଥାକୁ ମହାତ୍ମାଗାନ୍ଧୀ ମଧ ବିରୋଧ କରୁଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo